ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.63 Bhubaneswar Friday, April 16, 2021 | ୨୪ତମ ବର୍ଷ ସଂଖ୍ୟା-୬୩ ଭୁବନେଶ୍ୱର, ଶୁକ୍ରବାର, ଅପ୍ରେଲ ୧୬, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS



ନୂଆଦିଲ୍ଲୀରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହ ପ୍ରତିରକ୍ଷା କର୍ମଚାରୀ (ସିଡ଼ିଏସ୍), ଜେନେରାଲ ବିପିନ ରାୱତ, ବାୟୁସେନା ମୁଖ୍ୟ, ବାୟୁସେନା ମାର୍ଶଲ ଆରା, ବାୟୁସେନା କମାଣ୍ଡ ସମ୍ମିଳନୀରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଏବଂ ଭାରତୀୟ ବାୟୁସେନାର ବରିଷ୍ଠ ଅଧିକାରୀ ଉଦ୍ଦୁରିଆ

# ଆଜିଠୁ ସାରା ରାଜ୍ୟରେ ନାଇଟ୍ କର୍ଫ୍ୟୁ

ଭୁବନେଶ୍ୱର, ୧୫।୪(ପି.ଏନ): ଆସନ୍ତାକାଲି (ଶୁକ୍ରବାର) ଠାରୁ ସାରା ରାଜ୍ୟରେ ରାତ୍ରିକାଳୀନ କର୍ଫ୍ୟୁ ଲାଗୁ ହେବ। କୋଭିଡ୍ ସଂକ୍ରମଣ ଦ୍ୱିତୀୟ ଲହରିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନିଷ୍ପତି ନେଇଛନ୍ତି। ନିଷ୍ପତି ଅନୁଯାୟୀ ଛତିଶଗଡ଼ ସୀମାନ୍ତବର୍ତୀ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ନୂଆପଡ଼ା, ସୁବର୍ଣ୍ଣପୁର, ବଲାଙ୍ଗୀର ଆଦି ୧୦ଟି ଜିଲ୍ଲାର ସହରାଂଚଳରେ ଆସନ୍ତାକାଲିଠାରୁ ସନ୍ଧ୍ୟା ୬ଟାରୁ ସକାଳ ୫ଟା ଯାଏଁ ରାତ୍ରିକାଳୀନ କର୍ଫ୍ୟୁ ଲାଗୁ କରାଯିବ। ଏହା ବ୍ୟତୀତ ଏହିସବୁ ଜିଲ୍ଲାର ସହରାଂଚଳରେ ପ୍ରତି ଶନିବାର ଓ ରବିବାର ଦିନ ସପ୍ତାହାନ୍ତ ସଟ୍ ଡାଉନ୍ ଲାଗୁ କରାଯିବ। ଭୁବନେଶ୍ୱର ଓ କଟକ ସମେତ ଅବଶିଷ୍ଟ ୨୦ ଜିଲ୍ଲାରେ ଅନ୍ୟ ସମସ୍ତ ସହରାଂଚଳରେ ରାତି ୯ଟାରୁ ସକାଳ ୫ଟା ଯାଏ ରାତ୍ରିକାଳୀନ କର୍ଫ୍ୟୁ ଲାଗୁ ହେବ ବୋଲି ଗୁରୁବାର ଦିନ ରାଜ୍ୟ ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗୁରୁବାର ଦିନ ସୂଚନା ଦେଇ କହିଛନ୍ତି ଯେ ଛତିଶଗଡ ସୀମାରେ ଥିବା ଉପରୋକ୍ତ ୧୦ ଟି ଜିଲ୍ଲାର ସହରାଂଚଳରେ ଏପ୍ରିଲ ୧୬ ତାରିଖଠାରୁ ସଂଧ୍ୟା ୬ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ରାତ୍ରୀକାଳୀନ କର୍ଫ୍ୟୁ ଲାଗୁ ହେବ। ଅନିର୍ଦ୍ଦିଷ୍ଟ କାଳ ପାଇଁ ଏହା ଲାଗୁ କରାଯାଇଛି।ପୂର୍ବରୁ ଏହି ଜିଲ୍ଲା ଗୁଡିକରେ ୯ଟାରୁ ସକାଳ ୫ ଟା ପର୍ଯ୍ୟନ୍ତ କର୍ଫ୍ୟୁ ଥିଲା। ସେହିପରି ଏହି ୧୦ଟି ଜିଲ୍ଲାରେ ଆସନ୍ତା ଶନିବାରଠାରୁ ୨ ଦିନିଆ ସାପ୍ତାହିକ ସଟ୍ ଡାଉନ୍ ଲାଗୁ ହେବ। ସେହିପରି ରାଜ୍ୟର ଅନ୍ୟ ୨୦ଟି ଜିଲ୍ଲାର ସହରାଂଚଳରେ ରାତି ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ରାତ୍ରିକାଳୀନ କର୍ଫ୍ୟୁ ଲାଗୁ ହେବ। ରାଜଧାନୀ ଭୁବନେଶ୍ୱର ଓ କଟକ ମଧ୍ୟ ଏହି କଟକଣାର ଅନ୍ତର୍ଭୁକ୍ତ ହେବ।ତେବେ ରାତ୍ରିକାଳୀନ କର୍ଫ୍ୟୁ ସମୟରେ ଜରୁରୀକାଳୀନ ସେବାକୁ ଅନୁମତି ମିଳିବ। ବିଦ୍ୟୁତ, ସ୍ୱାସ୍ଥ୍ୟ, ଜଳଯୋଗାଣ ଏବଂ ଖାଦ୍ୟର ହୋମ ଡେଲିଭରି ଆଦି ସେବା ଜାରି ରହିବ। ଏଥିରେ ନିୟୋଜିତ ଥିବା କର୍ମଚାରୀ ପୁଲିସକୁ ନିଜର ପରିଚୟ ପତ୍ର ଦେଖାଇ ଯାଇପାରିବେ। ଏଥିପାଇଁ କୌଣସି ସ୍ୱତନ୍ତ୍ର ପାସ୍ ର ଆବଶ୍ୟକ ନାହିଁ। ଲୋକେ ନିଜ ସଂସ୍ଥାର ପରିଚୟ ପତ୍ର ଦେଖାଇ ଯା'ଆସ କରିପାରିବେ। ତେବେ ଏ ସଂକ୍ରାନ୍ତରେ ସବିଶେଷ ସୂଚନା ଥାଇ ଗାଇଡଲାଇନ୍ ଜାରି କରାଯିବ ବୋଲି ମୁଖ୍ୟ ସଚିବ କହିଛନ୍ତି।ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଆହୁରି କହିଛନ୍ତି ଯେ ବିବାହ ଉତ୍ସବ ପାଇଁ ସର୍ବାଧିକ ୫୦ ଓ ଅନ୍ତିମ ସଂସ୍କାର ପାଇଁ ୨୦ ଜଣଙ୍କୁ ଅନୁମତି ମିଳିବ। କୌଣସି ଧାର୍ମିକ, ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ ଶୈକ୍ଷିକ ସମାବେଶ ହୋଇପାରିବ ନାହିଁ। ୫୦ ପ୍ରତିଶତ ଦର୍ଶକରେ ସିନେମା ହଲ ଚାଲିବ।ଅଟୋ ରିକ୍ସା ଓ ଟ୍ୟାକ୍ସିରେ ଡ୍ରାଇଭରଙ୍କୁ ଛାଡ଼ି ୨ ଜଣ ବସିପାରିବେ। ମୀନାବଜାରରେ ୨୦୦ ଜଣ ଲୋକଙ୍କୁ ଅନୁମତି ମିଳିବ। ଅପେରାରେ ପୂର୍ବରୁ ୨୦୦୦ ଲୋକଙ୍କୁ ଅନୁମତି ମିଳୁଥିଲା, କିନ୍ତୁ ଏବେ ୧୦୦୦ ଲୋକଙ୍କୁ ଅନୁମତି ଦିଆଯାଇଛି। ସରକାରୀ କାର୍ଯ୍ୟାଳୟ ୫୦ ପ୍ରତିଶତ ଲୋକଙ୍କୁ ନେଇ ଚାଲିବ। ଘରୋଇ କାର୍ଯ୍ୟାଳୟରେ କେତେ ପରିମାଣରେ କର୍ମଚାରୀ ରହିବେ, ସେ ନେଇ କର୍ତ୍ତୃପକ୍ଷ ଚିନ୍ତା କରିବେ। ଅଫିସରେ ପ୍ରବେଶ ପୂର୍ବରୁ ସାନିଟାଇଜର ବ୍ୟବହାର କରିବେ ଏବଂ ସାମାଜିକ ଦୂରତା ରକ୍ଷା କରିବେ। ଏବେ କୋଭିଡ ହସ୍‌ପିଟାଲକୁ କାର୍ଯ୍ୟକ୍ଷମ କରାଯାଉଛି। ଏଥି ସହିତ ଆଇସିୟୁ, ବେଡ ବଢ଼ାଯାଉଛି। ୪୫ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ଟିକା ଦିଆଯାଉଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

## ରାଜ୍ୟରେ କରୋନାରେ ଆଉ ୩ ଜଣଙ୍କର ମୃତ୍ୟୁ , ମୃତ୍ୟୁ ସଂଖ୍ୟା ୧୯୩୩ ହେଲା

ଭୁବନେଶ୍ୱର,୧୫।୪(ପି.ଏନ): ରାଜ୍ୟରେ କରୋନାରେ ଆଉ ତିନି ଜଣଙ୍କର ମୃତ୍ୟୁ ଘଟିଛି। ଏହା ସହ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ବଢି ୧୯୩୩ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲାର ଜଣେ ୪୩ ବର୍ଷ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି। ସେ ମଧୁମେହରେ ପୀଡିତ ଥିଲେ। ସେହିପରି ଗଂଜାମ ଜିଲ୍ଲାର ଜଣେ ୭୨ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କର ମୃତ୍ୟୁ ଘଟିଛି । ଯାଜପୁର ଜିଲ୍ଲାର ଜଣେ ୩୨ ବର୍ଷୀୟ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି। ସେ ସିକଲସେଲରେ ପୀଡ଼ିତ ଥିଲେ।

## ପିପିଲି ଉପନିର୍ବାଚନ ପାଇଁ ନୂଆ ତାରିଖ ଘୋଷଣା କରିବେ ନିର୍ବାଚନ କମିଶନ : ସିଇଓ

ଭୁବନେଶ୍ୱର, ୧୫।୪(ପି.ଏନ): କଂଗ୍ରେସ ପ୍ରାର୍ଥୀ ଅଜିତ ମଙ୍ଗରାଜଙ୍କ ଦେହାନ୍ତ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ନିର୍ବାଚନ ଆୟୋଗଙ୍କୁ ଆବଗତ କରାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ ଲୋହାନୀ ଏକ ସାମ୍ବାଦିକ ସମ୍ମିଳନୀରେ ଜଣାଇଛନ୍ତି । ନିର୍ବାଚନ କମିଶନ ନୂଆ ତାରିଖ ଘୋଷଣା କରିବେ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ପିପିଲି ଉପ-ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ଅଜିତ ମଙ୍ଗରାଜଙ୍କ ଦେହାନ୍ତ ପରେ ଆଇନତଃ ରିଟର୍ଣ୍ଣିଂ ଅଫିସର ଉପ-ନିର୍ବାଚନକୁ ସ୍ଥଗିତ ରଖିଥିଲେ। ଏହାପରେ ଏ ନେଇ ଗତକାଲି ହିଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଚିଠି ଲେଖି ଅବଗତ କରାଯାଇଛି। ଏହା ପରେ ନିର୍ବାଚନ ଆୟୋଗ ନୂଆ ତାରିଖ ଘୋଷଣା କରିବେ ବୋଲି ସେ କହିଛନ୍ତି। ନୂଆ କରି ବିଜ୍ଞପ୍ତି ଜାର ହେବା ପରେ ଯେଉଁ ଦଳର ପ୍ରାର୍ଥୀଙ୍କ ମୃତ୍ୟୁ ଘଟିଛି କେବଳ ସେହି ଦଳ ପ୍ରାର୍ଥୀ ଦେଇପାରିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

## ୧୯ରୁ ଆନ୍ତଃରାଜ୍ୟ ବସ୍ ଚଳାଚଳ ବନ୍ଦ

ଭୁବନେଶ୍ୱର,୧୫।୪(ପି.ଏନ): କରୋନା ସଂକ୍ରମଣର ଚେନ୍ ଭାଙ୍ଗିବାକୁ ରାଜ୍ୟ ସରକାର କୋଭିଡ କଟକଣାକୁ ଆହୁରି କଡାକଡି କରିଛନ୍ତି । ଆସନ୍ତା ୧୯ରୁ ଆନ୍ତଃରାଜ୍ୟ ବସ୍ ଚଳାଚଳ ଉପରେ କଟକଣା ଲଗାଇବାକୁ ଘୋଷଣା କରିଛନ୍ତି ରାଜ୍ୟ ସରକାର। ତେବେ ରାଜ୍ୟ ଭିତରେ ପୂର୍ବଭଳି ବସ୍ ଚଳାଚଳ ଚାଲୁ ରହିବ । ରାଜ୍ୟରେ ଚାଲୁଥିବା ବସରେ ଯେତିକି ସିଟ୍ ସେତିକି ଯାତ୍ରୀ ଯାଇପାରିବେ । ସିଟ୍ ଠାରୁ ଅଧିକ ଯାତ୍ରୀଙ୍କୁ ଛିଡା କରି ଆଣିପାରିବନି ବସ୍ । ଏପରି କଲେ ବସଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଉଲ୍ଲେଖ୍ୟଯୋଗ୍ୟ ପୂର୍ବରୁ ଛତିଶଗଡ ଯାଉଥିବା ବସଗୁଡିକର ଯାତାୟତ ଉପରେ ସରକାର ରୋକ ଲଗାଇଥିଲେ ।ସେହିଭଳି ଅଟୋରିକ୍ସା ଓ ଟ୍ୟାକ୍ସି ଯାତାୟତ ଉପରେ ମଧ କିଛି କଟକଣା ଲଗାଯାଇଛି ।

# ପିପିଲି ଉପନିର୍ବାଚନ ସ୍ଥଗିତ

ଭୁବନେଶ୍ୱର, ୧୫।୪(ପି.ଏନ): ସ୍ଥଗିତ ରହିଲା ପିପିଲି ବିଧାନସଭା ଉପନିର୍ବାଚନ। କଂଗ୍ରେସ ପ୍ରାର୍ଥୀ ଅଜିତ ମଙ୍ଗରାଜଙ୍କ ଅକାଳ ବିୟୋଗ ଯୋଗୁଁ ଏପ୍ରିଲ ୧୭ ତାରିଖରେ ହେବାକୁ ଥିବା ଉପନିର୍ବାଚନ ସ୍ଥଗିତ ନେଇ ଘୋଷଣା କରିଛନ୍ତି ପୁରୀ ଏଡିଏମ୍ । ସ୍ଥଗିତ ଆଦେଶ କପି ସିଇଓ ଓ ଇସିଆଇକୁ ପଠାଯାଇଛି ବୋଲି ସେ କହିଛନ୍ତି। ଏହାସହ କାଲି ଆସିବାକୁ ଥିବା ପୋଲିଂ କର୍ମଚାରୀଙ୍କୁ ନଆସିବାକୁ ସେ କହିଛନ୍ତି।ଏହାପୂର୍ବରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ ଲୋହାନୀ କହିଥିଲେ ଯେ ପିପିଲିରେ ସାନି ଉପନିର୍ବାଚନ ପାଇଁ ତାରିଖ ଘୋଷଣା ହେବ। ଜିଲ୍ଲା ରିଟର୍ଣ୍ଣିଂ ଅଫିସରଙ୍କ ରିପୋର୍ଟ ପରେ ଏ ଦିଗରେ ପଦକ୍ଷେପ ନିଆଯିବ। ରିପୋର୍ଟ ମିଳିବା ପରେ ମୁଖ୍ୟ ନିର୍ବାଚନ କମିସନଙ୍କୁ ଅବଗତ କରାଯିବ।ଉଲ୍ଲେଖ୍ୟଯୋଗ୍ୟ ଯେ ଗତ ସପ୍ତାହରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହେବା ପରେ ପିପିଲି ଉପନିର୍ବାଚନର କଂଗ୍ରେସ ବିଧାୟକ ପ୍ରାର୍ଥୀ ଅଜିତ୍ ମଙ୍ଗରାଜ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତି ହୋଇଥିଲେ। ବୁଧବାର ଦିନ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ନିୟମ ଅନୁଯାୟୀ ଭୋଟ୍ ଦାନ ପୂର୍ବରୁ ପ୍ରାର୍ଥୀଙ୍କ ମୃତ୍ୟୁ ଘଟିଲେ ନିର୍ବାଚନକୁ ସ୍ଥଗିତ ରଖି ସାନି ନିର୍ବାଚନ ତାରିଖ ଘୋଷଣା କରାଯାଇଥାଏ। ନୂଆ ତାରିଖ ଘୋଷଣା ହେବା ପରେ କଂଗ୍ରେସକୁ ପୁଣି ଥରେ ପ୍ରାର୍ଥୀ ଦେବାକୁ ସୁଯୋଗ ମିଳିବ। ବିଜେଡି ଓ ବିଜେପି ସମେତ ଅନ୍ୟ ନେତାଙ୍କ ଦ୍ୱାରା ନାମାଙ୍କନ କରାଯାଇଥିବା ପ୍ରାର୍ଥୀମାନଙ୍କର ନାମ ବଳବତର ରହିବ।

# ମାଟ୍ରିକ୍ ଓ ଯୁକ୍ତ ୨ ପରୀକ୍ଷା ସ୍ଥଗିତ

ଭୁବନେଶ୍ୱର, ୧୫।୪(ପି.ଏନ):- ରାଜ୍ୟର ସମସ୍ତ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷାକୁ ସ୍ଥଗିତ କରାଯାଇଛି। ବର୍ତମାନର କରୋନା ମହାମାରୀ ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀ ମାନଙ୍କର ସ୍ୱାସ୍ଥ୍ୟ ନିରାପତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବୋର୍ଡ ପରୀକ୍ଷା ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ।ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ମଇ ୧୮ ତାରିଖ ଠାରୁ ଆରମ୍ଭ ହେବାକୁ ଥିବା ଦ୍ୱାଦଶ ଶ୍ରେଣୀ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି । କୋଭିଡ-୧୯ ପରିସ୍ଥିତିରେ ଉନ୍ନତି ଆସିବା ପରେ ପରୀକ୍ଷା ସଂପର୍କରେ ନିଷ୍ପତି ଗ୍ରହଣ କରାଯିବ। ଜୁନ୍ ୨୦୨୧ ପ୍ରଥମ ସପ୍ତାହରେ ରାଜ୍ୟ ସରକାର ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷା କରାଯିବା ସଂପର୍କରେ ସମୀକ୍ଷା କରିବେ ଏବଂ ଛାତ୍ରଛାତ୍ରୀ ମାନଙ୍କୁ ଉପଯୁକ୍ତ ସମୟ ଦିଆଯାଇ ପରୀକ୍ଷା କରାଯିବା ପାଇଁ ପରବର୍ତୀ ନିଷ୍ପତି ନିଆଯିବ ।ସେହିପରି ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ୩ ମଇ ୨୦୨୧ରେ ଅନୁଷ୍ଠିତ ହେବାକୁ ଥିବା ପରବର୍ତୀ ଦଶମ ଶ୍ରେଣୀ ପରୀକ୍ଷାକୁ ମଧ୍ୟ ସ୍ଥଗିତ ରଖାଯାଇଛି। ମହାମାରୀ ସ୍ଥିତିରେ ଉନ୍ନତି ଆସିବା ପରେ ପରୀକ୍ଷା ସମ୍ବନ୍ଧୀୟ ନିଷ୍ପତି ନିଆଯିବ। ୨୦୨୦-୨୧ ଶିକ୍ଷାବର୍ଷରେ ନବମ ଓ ଏକାଦଶ ଶ୍ରେଣୀରେ ପାଠ ପଢୁଥିବା ସବୁ ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ ଦଶମ ଏବଂ ଦ୍ୱାଦଶ ଶ୍ରେଣୀକୁ ଉତୀର୍ଣ୍ଣ କରାଯିବ। ଏଥିପାଇଁ ସେମାନଙ୍କୁ କୌଣସି ପରୀକ୍ଷା ଦେବାକୁ ପଡିବ ନାହିଁ ।ବର୍ତମାନ ୨୦୨୦-୨୧ ଶିକ୍ଷାବର୍ଷର ଦଶମ ଓ ଦ୍ୱାଦଶ ଶ୍ରେଣୀର ସମସ୍ତ କ୍ଲାସ ଆସନ୍ତା ଏପ୍ରିଲ ୧୯ ତାରିଖ ଠାରୁ ବନ୍ଦ ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

# ଭୁବନେଶ୍ୱରରେ କରୋନା ପଜିଟିଭ୍ ସଂଖ୍ୟା ୩୦୦ ଟପିଲା

ଭୁବନେଶ୍ୱର, ୧୫।୪(ପି.ଏନ): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରେ ଆଜି ଦୈନିକ କରୋନା ସଂକ୍ରମଣ ୩୦୦ ପାର୍ କରିଛି। ବୁଧବାର ଦିନ ଭୁବନେଶ୍ୱରରୁ ଆଉ ୩୦୭ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିରୁ ୬୯ ଜଣ କ୍ୱାରେଂଟାଇନ୍ ରେ ଥିବା ବେଳେ ୨୩୮ ଜଣ ଲୋକାଲ୍ କେସ। ଏନେଇ ବିଏମ୍‌ସି ଟ୍ୱିଟ୍ କରିଛି। ଆଜି ଚିହ୍ନଟ ହୋଇଥିବା ୨୩୮ ଲୋକାଲ୍ କେସ ଭିତରୁ ଖଣ୍ଡଗିରିରୁ ୨୪ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ନୟାପଲ୍ଲୀରୁ ୧୯, ପଟିଆରୁ ୧୭, ଓଲ୍ଡ ଟାଉନ୍ ଓ ଚନ୍ଦ୍ରଶେଖରପୁରରୁ ୮ ଜଣ ଲେଖାଏଁ , ଡୁମଡୁମା , ଜାଗମରା ଓ ବଡଗଡରୁ ୭ ଜଣ ଲେଖାଏଁ , ସୁନ୍ଦରପଦାରୁ ୬ , ଜିଜିପି କଲୋନୀ , ସହୀଦ ନଗର, ଭିଏସଏସ୍ ନଗର, ବରମୁଣ୍ଡା, ଝାରପଡା, ଆଚାର୍ଯ୍ୟ ବିହାର ଓ ହଂସପାଳରୁ ୫ ଜଣ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ନୂତନ ଆକ୍ରାନ୍ତଙ୍କୁ ମିଶାଇ ବିଏମ୍‌ସି ଅଂଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ୩୪୨୦୦କୁ ବୃଦ୍ଧି ପାଇଛି। ସେଥିରୁ ୩୨୪୪୮ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଥିବା ବେଳେ ୨୫୦ ଜଣଙ୍କ ମୃତ୍ୟୁ ଘଟିଛି। ଏବେ ୧୪୮୧ ଜଣ ବିଭିନ୍ନ କୋଭିଡ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି।

# ଅଗ୍ନି ଶମ ସେବା ସପ୍ତାହ ଏନଟିପିସି କଣିହାଁ ଦ୍ୱାରା ପାଳିତ




ତାଳଚେର, ୧୫।୪(ପି.ଏନ): ଅପ୍ରେଲ ୧୪ ରୁ ୨୦ ତାରିଖ ମଧ୍ୟରେ ଅଗ୍ନି ଶମ ସେବା ସପ୍ତାହ ଏନଟିପିସି କଣିହାଁର ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ସୁଦୀପ୍ତ ନାଗଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଅଛି ଯାହାର ମୁଖ୍ୟ ବିଷୟବସ୍ତୁ ଅଗ୍ନିକାଣ୍ଡ ଜନିତ ଭୟାବହତାରୁ ରକ୍ଷା ନିମନ୍ତେ ଅତ୍ୟାବଶ୍ୟକ ସୁରକ୍ଷା ସମ୍ବନ୍ଧୀୟ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ। ସାଧାରଣ ପରିଚାଳକ ଶ୍ରୀ ଶୁଭମ୍ ଶ୍ରୀବାସ୍ତବ, ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ସୁଦୀପ୍ତ ନାଗ୍ ଅଗ୍ନି ଶମ ସେବା ଅଧିକାରୀ ଶ୍ରୀ ପି.କେ ଦିକ୍ଷୀତଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ ମାନଙ୍କ ଦ୍ୱାରା ଶହୀଦମାନଙ୍କ ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା ସହ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟି କୋଭିଡ୍ ନିୟମାବଳୀ ଅନୁଯାୟୀ ପରିଚାଳନା କରାଯାଇଥିଲା।

# ତେଲେଙ୍ଗାନାରୁ ହାଇଦର ଗିରଫ

ଭୁବନେଶ୍ୱର, ୧୫।୪(ପି.ଏନ): ପୁଣି ଥରେ ଗିରଫ ହୋଇଛି କୁଖ୍ୟାତ ଗ୍ୟାଙ୍ଗଷ୍ଟର ହାଇଦର। କଟକ ବଡ଼ମେଡିକାଲରୁ ଫେରାରହୋଇ ଯାଇଥିବା ସେକ୍ ହାଇଦରକୁ ତେଲେଙ୍ଗାନା ରାଜ୍ୟର ରଙ୍ଗାରେଡି ଜିଲ୍ଲାରୁ ଗିରଫ କରାଯାଇଛି । ତେଲେଙ୍ଗାନା ପୋଲିସ ସହାୟତାରେ ହାଇଦରକୁ ଧରିବାରେ ସଫଳ ହୋଇଥିବା ନେଇ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଗୁରୁବାର ସଂଧ୍ୟାରେ ସୂଚନା ଦେଇଛନ୍ତି । ୨୪ ଘଂଟା ମଧ୍ୟରେ ହାଇଦରକୁ ଭୁବନେଶ୍ୱର ଅଣାଯାଇ କୋର୍ଟରେ ହାଜର କରାଯିବ ବୋଲି ସେ କହିଛନ୍ତି। ଅପରପକ୍ଷରେ ହାଇଦର ଗିରଫ ହେବା ପରେ ଟୁଇଟ୍ କରି ସାବାସୀ ଦେଇଛନ୍ତି ପୋଲିସ୍ ଡିଜି ଶ୍ରୀ ଅଭୟ ।ଏଥିପାଇଁ ସେ ପୋଲିସ କମିଶନର ଓ କଟକ ଡିସିପିଙ୍କୁ ପ୍ରଂଶସା କରିଛନ୍ତି ।ଏକ ସାମ୍ବାଦିକ ସମ୍ମିଳନୀରେ ପୋଲିସ କମିଶନର କହିଛନ୍ତି ଯେ, ଏଠାରୁ ଫେରାର ହୋଇ ତେଲେଙ୍ଗାନାର ହାଇଦ୍ରାବାଦ ପହଂଚିବା ପରେ ଓଡ଼ିଶା ପୋଲିସ ତେଲେଙ୍ଗାନାର ସଙ୍ଗାରେଡ୍ଡି ପୋଲିସ ଓ ହାଇଦ୍ରାବାଦ୍ ପୋଲିସ ସହିତ ମିଶି ତାକୁ ଧରିବାକୁ ଅପରେସନ୍ ଆରମ୍ଭ କରିଥିଲା। କଟକରୁ ଯାଇଥିବା ୨ଟି ପୋଲିସ ଟିମ୍ ତେଲେଙ୍ଗାନା ପୋଲିସ ସହ ଯୋଗାଯୋଗ ରଖିଥିଲା। ଆଜି ହାଇଦର ଏକ ବାଇକ୍ ରେ ଯାଉଥିବା ବେଳେ ପୋଲିସର ମିଳିତ ଟିମ୍ ଅତର୍କିତ ଭାବେ ଚଢ଼ାଉ କରି ଗିରଫ କରିଥିଲା ।ସୂଚନାଯୋଗ୍ୟ ଯେ କଟକ ଏସସିବି ମେଡିକାଲକୁ ଚିକିତ୍ସା ଲାଗି ଆସି କୁଖ୍ୟାତ ଗ୍ୟାଙ୍ଗଷ୍ଟର୍ ହାଇଦର ସେଠାରୁ ଗତ ୧୦ ତାରିଖରେ ଫେରାର୍ ହୋଇଯାଇଥିଲା।

MAHARISHI PUBLIC SCHOOL मा विद्यार्थिवृक्ष

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada








# ଟି ଟାଇମ୍

## ଜୋକ୍ସ



ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସିପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

## ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜତ୍ୱ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଟକଙ୍କ ଭିଡ। ଏହି ଉଦେ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟରେ ସାହାଯ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବ୍ୟତୀତ ଅନ୍ୟ ରାଜ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଟକଙ୍କ ବର୍ଦ୍ଧିତ ସଂଖ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବନ୍ଧୁଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଟକଙ୍କ ଭିଡକୁ ଲକ୍ଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚ୍ୟୁତି ହେବି ନାହିଁ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମ୍ୟୁନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ବାରୋ ପଞ୍ଚାୟତର ମନରେଗା ମହାଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୋ ପଂଚାୟତର ମନରେଗା ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ଆଖିବୁଜା ଦୁର୍ନୀତି ପ୍ରତିବାଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଆରମ୍ଭ ହୋଇଥିବା ଗଣଧାରଣା ଷଷ୍ଠ ଦିନରେ ପହଁଚିଛି । କେନ୍ଦ୍ରାପଡା ବ୍ଲକ ବିଡିଓ ଏବଂ ସଂପୃକ୍ତ ପ୍ରକଳ୍ପର କେଶ ରେକର୍ଡ ପ୍ରସ୍ତୁତ ହୋଇନଥିବା ବେଳେ ସେହି କେଶ ରେକର୍ଡରେ କେତେକ ମୁଖ୍ୟ କାଗଜାଦ ନଥିବା, ସଂପୃକ୍ତ ପ୍ରକଳ୍ପର ମାପ ଏମବିରେ ହୋଇନଥିବା ବେଳେ ମଷ୍ଟରରୋଲ ଜେନେରେଟ କରାଯାଇ ତିନୋଟି ଫେଜରେ ଅନଲାଇନରେ ମଜୁରୀ ପ୍ରଦାନ କରାଯାଇଛି । ଟ୍ରାକ୍ଟର ଦ୍ୱାରା ଅନ୍ୟ ସ୍ଥାନରୁ ପ୍ରକଳ୍ପ ସ୍ଥଳକୁ ମାଟି ପରିବହନ କରାଯାଇଥିବା ବେଳେ ସେ ସମ୍ପର୍କରେ କୌଣସି ତଥ୍ୟ ରେକର୍ଡରେ ଉଲ୍ଲେଖ ନଥିବା ସମ୍ପର୍କରେ ଗତ ଫେବୃୟାରୀମାସ ୨୫ତାରିଖରେ ରିପୋର୍ଟ ବିଡିଓଙ୍କୁ ପ୍ରଦାନ କରାଯାଇଛି । କିନ୍ତୁ ଅଦ୍ୟାବଧି ସେହି ରିପୋର୍ଟ ଉପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ମାର୍ଚ୍ଚ ମାସ ୧ତାରିଖ ଓ ୧୭ତାରିଖରେ ସେହି ଦୁର୍ନୀତିରେ ସଂପୃକ୍ତ ଯନ୍ତ୍ରୀ, ସରପଂଚ, ପଂଚାୟତ ନିର୍ବାହୀ ଅଧିକାରୀ ଓ ଗ୍ରାମରୋଜଗାର ସେବକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବକରି ପଂଚାୟତବାସୀ ଗଣଧାରଣା ଦେଇଥିଲେ । କେନ୍ଦ୍ରାପଡା ବ୍ଲକ ବିଡିଓଙ୍କ ଠାରୁ କାର୍ଯ୍ୟାନୁଷ୍ଠାନର ପ୍ରତିଶୃତି ମିଳିବା ପରେ ସେହି ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା । କିନ୍ତୁ ଶେଷରେ ବିଡିଓଙ୍କ ପ୍ରତିଶୃତି କାର୍ଯ୍ୟକାରୀ ନହେବାରୁ ପୁନର୍ବାର ପଂଚାୟତବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବିସିରହିଥିବା ଦେଖିବାକୁ ମିଳିଛି । ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କୌଣସି ସରକାରୀ ଅଧିକାରୀ ଗଣଧାରଣାକାରୀଙ୍କ ପାଖକୁ ଆସିନଥିବା ସୂଚନା ମିଳିଛି ।




ଜିଲ୍ଲାପାଳଙ୍କ ଦ୍ୱାରା ମନରେଗା ଦୁର୍ନୀତି ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗଣଧାରଣାରେ ବସିଥିବା ପଂଚାୟତବାସୀଙ୍କ ସମ୍ମୁଖରେ ଉଭୟ ଅଧିକାରୀଙ୍କ ସନ୍ତୁଷ୍ଟିକରଣ ଖୋଳ କରତାଳ ବଜାଇ ସଙ୍କୀର୍ତ୍ତନ କରାଯାଇଛି । କେନ୍ଦ୍ରାପଡା ବ୍ଲକ କାର୍ଯ୍ୟାଳୟରୁ ସୂଚନା ଅଧିକାର ଆଇନରେ ପ୍ରାପ୍ତ ତଥ୍ୟ ଅନୁଯାଇ ବ୍ଲକର ବିଡିଓଙ୍କ ନିର୍ଦ୍ଦେଶରେ ଏବିଡିଓ, ସହକାରୀ ନିର୍ବାହୀ ଯନ୍ତ୍ରୀ, ଜିପିଇଓ ଏବଂ ଏପିଓ ମିଳିତ ଭାବେ ପ୍ରଦାନ କରିଥିବା ତଦନ୍ତ ରିପୋର୍ଟରେ ଉଲ୍ଲେଖ ରହିଛି ଯେ ବାରୋ ନବଦୋୟ ବିଦ୍ୟାଳୟ ପରିସରରେ ହୋଇଥିବା ମନରେଗା ପ୍ରକଳ୍ପ କର୍ଯ୍ୟରେ ପ୍ରକଳ୍ପ ସମ୍ପର୍କରେ ନାଗରିକ ସୂଚନା ବୋର୍ଡ ନଥିବା,ସରକାରୀ ନିୟମ ଅନୁଯାଇ

# ହିନ୍ଦୁ ସଂସ୍କୃତି, ପରମ୍ପରାର ପ୍ରତୀକ ଆମ ଦଣ୍ଡନାଚ ଓ ବିଷୁବ ସଂକ୍ରାନ୍ତି



ହିନ୍ଦୁ ସଂସ୍କୃତି ଓ ଐତିହ୍ୟରେ ୧୨ ମାସରେ ତେର ପର୍ବ ପାଳନ ହୋଇଥାଏ । ପାରିବାରିକ ଜୀବନର ଗଭୀର ଅଭାବବୋଧ ଭିତରେ ଆମ ଓଡ଼ିଆମାନେ ଅକୁଣ୍ଠ ଭାବରେ ନିଜର ସାମର୍ଥ୍ୟକୁ ଚାହିଁ ପର୍ବ ପାଳନରେ ଆପଣାକୁ ଯେତେ ହଜାଇ ଦିଅନ୍ତି, ଭାରତବର୍ଷର କୌଣସି ଗୋଷ୍ଠୀ ଏତେ ନିଷ୍ପାପର ଓ କଡ଼ାକଡ଼ି ଭାବରେ ପର୍ବ ପାଳନ କରନ୍ତି ନାହିଁ । ଶ୍ରମକ୍ଲିଷ୍ଟ ଜୀବନୋପାୟ ଆହରଣ କରିବା ଭିତରେ ବିଶ୍ରାମ ତଥା ଶ୍ରମଲାଘବ ନିମିତ ଆମର ପୂର୍ବସୂରୀମାନେ ଅତି ଆମୋଦଦାୟକ ବ୍ୟବସ୍ଥା କରିଯାଇଛନ୍ତି । ଆମ ଜୀବନର ପ୍ରତ୍ୟେକ ଦୁଃଖସୁଖ, ଅଭାବ, ଅନାଟନ, ଉତ୍‌ଥାନ ପତନ ଭିତରେ ପରମ ଆରାଧ ଜଗନ୍ନାଥ ଓତଃପ୍ରୋତ ଭାବେ ଜଡ଼ିତ । ହୋଇଥାଏ । ବିଷୁବ ସଂକ୍ରାନ୍ତି ଦିନ ସୂର୍ଯ୍ୟଦେବ ବିଷୁବରେଖା ଉପରେ ଅବସ୍ଥାନ କରନ୍ତି । ଆମର ନୂତନ ପଞ୍ଜିକାନୁଯାୟୀ ନବବର୍ଷ ଏହି ଦିନଠାରୁ ଗଣନା କରାଯାଏ । ତାହା ପୂର୍ବରୁ ମକର ସଂକ୍ରାନ୍ତି ଠାରୁ ସୂର୍ଯ୍ୟଦେବ ଉତ୍ତରାୟଣ ହୋଇଥାନ୍ତି । ଏହାକୁ ସୂର୍ଯ୍ୟଦେବଙ୍କ ପ୍ରତୀୟମାନ ଗତି କୁହାଯାଏ । ଅବିଚଳ ସୂର୍ଯ୍ୟଦେବଙ୍କର ଗତି ନାହିଁ, ସେ ସ୍ଥିର । ତୁଳା ସଂକ୍ରାନ୍ତି ପର୍ଯ୍ୟନ୍ତ ସେ ମକରକ୍ରାନ୍ତି ଉପରେ ପ୍ରାୟତଃ ଆଶ୍ୱିନ, କାର୍ତ୍ତିକ ମାସ ମଧ୍ୟରେ ପଡୁଥିବା ତୁଳା ସଂକ୍ରାନ୍ତି ବା ଗର୍ଭଣା ସଂକ୍ରାନ୍ତିକୁ ସେ ଦକ୍ଷିଣାୟନ ହୁଅନ୍ତି । ଏହା ଏକ କୃଷି ଭିତ୍ତିକ ପର୍ବ । ଏହି ସଂକ୍ରାନ୍ତି ସମୟକୁ ଆଗେ ବୁଣା ହେଉକି ପଛେ ବୁଣା ହେଉ, ପ୍ରତ୍ୟେକ ଧାନ ବୁଦାରେ ଧାନ ପିଲ ଅନ୍ତସତ୍ତ୍ୱା ହୋଇଯାଇଥାଏ । ଡାକ ଋଷିଙ୍କ ବଚନାନୁସାରେ-"ଆଗେ ବୁଣ ପଛେ ବୁଣ, ଗର୍ଭଣାକୁ ଟୁଣ ଟୁଣ ।" ମୁଖ୍ୟତଃ ଆମ ଓଡ଼ିଶାରେ ବିଷୁବ ସଂକ୍ରାନ୍ତି, ମକର ସଂକ୍ରାନ୍ତି ଓ ଗର୍ଭଣା ସଂକ୍ରାନ୍ତିକୁ ଗୁରୁତ୍ୱ ଦିଆଯାଇ ପାଳନ କରାଯାଇଥାଏ ।

ବିଷୁବ ସଂକ୍ରାନ୍ତି ଦିନ ଦଣ୍ଡ ପର୍ବ ଉଦ୍‌ଯାପିତ ହେଉଥିବା ହେତୁ ଏହାକୁ ମେରୁ ସଂକ୍ରାନ୍ତି ଏବଂ ଏହି ଉପବାସକୁ ପାଳନ କରୁଥିବା ଭକ୍ତଗଣ ନିଷ୍ଠା ଓ କାଷ୍ଠାର ସହିତ ପ୍ରାୟ ଏକ ସପ୍ତାହ ଧରି କେବଳ ପଣା ସେବନ କରି ରହୁଥିବାରୁ ଏହାକୁ ପଣାସଂକ୍ରାନ୍ତି ମଧ୍ୟ କୁହାଯାଏ । ଆମ ଓଡ଼ିଶାର ୩୦ଟି ଯାକ






ଶ୍ରୀମନ୍ଦିରରେ ପର୍ବ ପାଳିତ ହେବାର ନିର୍ଦ୍ଦିଷ୍ଟ ବିଧିବ୍ୟବସ୍ଥା ରହିଛି, ସେଥିରେ ସାମାନ୍ୟ ବ୍ୟତିକ୍ରମ ହୁଏନାହିଁ । ଏପରିକି ସଂକ୍ରାନ୍ତି, ଅମାବାସ୍ୟା, ପୂର୍ଣ୍ଣମୀ, ଏକାଦଶୀ, ମାସାନ୍ତ ଇତ୍ୟାଦି ପ୍ରାୟ ପ୍ରତ୍ୟେକ ତିଥି ଆମର ଗୋଟିଏ ଗୋଟିଏ ପର୍ବ । ଦଶମ ଶତାବ୍ଦୀଠାରୁ ପଂଚଦଶ ଶତାବ୍ଦୀ ମଧ୍ୟରେ ଉତ୍କଳରେ ଭୌମ ବଂଶୀୟ, ଗଙ୍ଗ ବଂଶୀୟ ଓ କେଶରୀ ବଂଶୀୟ ନରପତିମାନେ ରାଜୁତି କରୁଥିଲେ । କେଶରୀବଂଶୀୟ ନରପତିମାନେ ଶୈବ ଧର୍ମାବଲମ୍ବୀ ଥିଲେ । ତାଙ୍କ ସମୟରେ ଲିଙ୍ଗରାଜ



ମନ୍ଦିର, ଦଶାଶ୍ୱମେଧ ଘାଟ, ଚଣ୍ଡୀହରଦେବ ମନ୍ଦିର ସେମାନଙ୍କର ଅମର କୀର୍ତ୍ତି ।

ଚୈତ୍ରମାସରେ ରୌଦ୍ରଦଗ୍ଧ ସମୟାବର୍ତ୍ତ ମଧ୍ୟରେ ଦଣ୍ଡନାଚ ବା ମେରୁ ପର୍ବ ପାଳିତ

ଜିଲାରୁ ପ୍ରାୟ ପ୍ରତ୍ୟେକ ଜିଲାରେ ମେରୁ ଉତ୍ସବ ଓ ଦଣ୍ଡନାଚ ପାଳନ ହୋଇଥାଏ । ଅକର୍ମ କର୍ମଦାୟକ ମଙ୍ଗଳମୟ ଶିବ ଓ ମଙ୍ଗଳମୟୀ ମା' ଗୌରୀ ଏହି ଉପବାସର ଆରାଧ ଦେବଦେବୀ । ଉତ୍କଳ ଭୂଖଣ୍ଡରେ ୩୬ଟି ପାଟକ ବିଭିନ୍ନ ଗୋଷ୍ଠୀର ଓ ଜାତିର ଅଛନ୍ତି । ଜାତି, ଧର୍ମ, ବର୍ଣ୍ଣ ସମ୍ପ୍ରଦାୟ, ସ୍ପୃଶ୍ୟ, ଅସ୍ପୃଶ୍ୟ ତାରତମ୍ୟ ଭିତରେ ସମସ୍ତେ ଏହାର ଉପବାସ କରିପାରନ୍ତି । ପ୍ରତ୍ୟେକ ବ୍ରତୀତ ଉପବାସିଙ୍କୁ ଭୋଗତା (ଭକ୍ତା) କୁହାଯାଏ । ଏହି ପର୍ବ ପାଳନର ଆଦିକାଳରୁ ୧୩ଜଣ ବିଶିଷ୍ଟ ଭକ୍ତଙ୍କୁ ୧୩ ଭୋଗତା ନାମରେ ନାମିତ କରାଯାଇଛି । ମହାବିଷୁବ ସଂକ୍ରାନ୍ତି ଦଣ୍ଡପର୍ବର ଉଦ୍‌ଯାପନ ଦିବସ । ଏହି ଦିନ ଓଡ଼ିଶାର ବିଭିନ୍ନ ସ୍ଥାନରେ ଝାମୁଯାତ୍ରା ପାଳିତ ହୋଇଥାଏ । ୩୬ ପାଟକରୁ ବୟସ ଅନୁଯାୟୀ ଓ ଅନୁଭୂତିକୁ ନେଇ ଚାରି ଗୋଷ୍ଠୀର ପାଟୁଆ ଦେଖାଯାନ୍ତି । ଯଥା- ଘଟ ପାଟୁଆ, ଫୋଡ଼ା ପାଟୁଆ, ଝାମୁ ପାଟୁଆ ଓ ଉଘରତପ ପାଟୁଆ । ଘଟପାଟୁଆମାନେ ମା'ମଙ୍ଗଳାଙ୍କ ଅନୁରୂପ ପୋଷାକ ପିନ୍ଧି ମଥା ଉପରେ ଘଟ ରଖି ନୃତ୍ୟ କରିଥାନ୍ତି । ଅଦ୍ୟାବଧି ମା'ଚର୍ଚ୍ଚିକାଇ, ମା'ମଙ୍ଗଳା, ମା' ହିଙ୍ଗୁଳାଇ, ମା'ଜାଗୁଳାଇ, ମା'ଅଁଳାଇଙ୍କର ଘଟ ପାଟୁଆମାନେ ପଣାଯାତ୍ରା ସମୟରେ ଗ୍ରାମେ ଗ୍ରାମେ ମା'ଙ୍କର ମହିମା ନୃତ୍ୟ ଜରିଆରେ ପ୍ରଚାର କରିଥାନ୍ତି । ଝାମୁ ପାଟୁଆମାନେ ଅଗ୍ନିରେ ଚାଲନ୍ତି । ଓଡ଼ିଶାର ଅନେକ ସ୍ଥାନରେ ଝାମୁ ପାଟୁଆମାନେ ୧୨୦ ହାତ ପର୍ଯ୍ୟନ୍ତ ଅନାୟାସରେ ଅଗ୍ନିରେ ଚାଲିବାର ଦେଖାଯାଏ । ଫୋଡ଼ ପାଟୁଆମାନେ ହାତୀର ଅଙ୍କୁଶ ଆକୃତିର ଏକ ମୁନିଆ ଲୁହା କଂଟାକୁ ପିଠି ଚର୍ମରେ ଫୋଡି ଅଖ ଆକୃତିର

ଦଣ୍ଡବିଧିକୁ ଦେଖିଲେ ପ୍ରତିତ ହୁଏ ଭକ୍ତିର ଚରମ ନିଦର୍ଶନ ଓ ଦଣ୍ଡପର୍ବର ଯଥାର୍ଥତା । ଏତାଦୃଶ ଅଲୌକିକତା ଅନ୍ୟ କୁତ୍ରାପି ଦୃଷ୍ଟିଗୋଚର ହୁଏ ନାହିଁ ।

ଏହି ଭକ୍ତମାନେ ହାତରେ ଧରିଥିବା ବେତକୁ ପାଟବେତ କୁହାଯାଏ । ଏହି ଦଣ୍ଡ ଜାଗ୍ରତ ହେବା ଆଶ୍ଚର୍ଯ୍ୟଜନକ ବିଧି । କୁମ୍ଭାରମାନଙ୍କ ଦ୍ୱାରା ଚାରିଗୋଟି ବଡ଼ ଧୂପଦାନି ଭଳି ଆଧାରରେ ଦଣ୍ଡ ନିର୍ମାଣ କରାଯାଇ ବିଶୁଦ୍ଧପାଳକୁ ବିଣ୍ଡା ଆକାରର କରି ଏହାଭିତରେ ଦିଆଯାଇଥାଏ । ଏଥିରେ କୌଣସି ତେଲ ନଡ଼ାଳି କେବଳ ଝୁଣା ଗୁଣ୍ଡ ଦ୍ୱାରା ଜଳାଯାଇଥାଏ । ଦଣ୍ଡୁଆମାନେ ଆକୁଳ କଣ୍ଠରେ କଳାରୁଦ୍ରମଣି ଓ ପାର୍ବତୀଙ୍କୁ କୃପା ଭିକ୍ଷା କରି ଡାକନ୍ତି । ଦଣ୍ଡ ଥରେ ଉଠିଲେ ଉଦ୍‌ଯାପନ ଉତ୍ସବ ପର୍ଯ୍ୟନ୍ତ ଝଡ଼ବର୍ଷା, ବାତ୍ୟା ଏବଂ ପ୍ରକୃତିର ପ୍ରତିକୂଳାଚରଣରେ ଆଦୌ ନିର୍ବାପିତ



ପୋତାଯାଇଥିବା ଏକ ଅରଟିରେ ବୁଲନ୍ତି । ଏହା ଅତ୍ୟନ୍ତ ବ୍ୟଥାଦାୟକ ଓ ସଙ୍କଟାପନ୍ନ ବ୍ରତ । ଓଘରତପି ପାଟୁଆମାନେ ଯାତ୍ରା ଆରମ୍ଭ ଦିନଠାରୁ କାଷ୍ଠାରେ ଉପବାସ କରିବା ସହ ଘରଦ୍ୱାର ସମ୍ପର୍କ ଛାଡ଼ି କାମନା ମନ୍ଦିର ନିକଟରେ ଠାକୁରାଣୀଙ୍କୁ ସୁମରଣା କରି ବ୍ରତ ପାଳନ କରନ୍ତି ଏବଂ ଝାମୁଯାତ୍ରାଦିନ ତତଲା ବାଲିରେ ବିଛାଯାଇଥିବା ବବୁଲ୍ ଓ ଗୋହିରା ଗଛର କଂଟା ଉପରେ ଖାଲିଦେହରେ ଗଡ଼ନ୍ତି ଓ କେତେକ ଓଘରତପି ଗୋଲ ପୋଷ୍ଟ ଭଳି କାଠରେ ଗୋଡ଼ବାନ୍ଧି ତଳକୁ ମୁଣ୍ଡ କରି ନିଆଁ ଜାଳି ଓହଳି ରୁଅନ୍ତି । ଏସବୁ ଶାରିରୀକ କୃଚ୍ଛ ସାଧନା, ଏକାନ୍ତ ଭକ୍ତି ଏବଂ ଅନାୟାସରେ ସମସ୍ତ ନିର୍ଯାତନାକୁ ସହି ନେଇଥିବା ସମସ୍ତ ହୁଏ ନାହିଁ । ଜଜମାନର ମଙ୍ଗଳ କାମନା କରି ଠାକୁରଙ୍କ ନାମରେ ହକ୍ ଦିଆଯାଏ । ଜଳନ୍ତା ମଶାଲ ସାହାଯ୍ୟରେ ନୃତ୍ୟ ପ୍ରଦର୍ଶନ କରି ନୃତ୍ୟାଙ୍ଗନାମାନେ ମାଳିକା ବ୍ରହ୍ମାଣ୍ଡ ଭୂଗୋଳ କୈବର୍ତ୍ତ ଗୀତାରୁ କବିତାମାନ ଆବୃତି କରିଥାନ୍ତି । ଆଜିର ଆଧୁନିକ ସମାଜରେ ସମ୍ପ୍ରତି ଦଣ୍ଡନାଚ ବହୁମାତ୍ରାରେ କମିଯାଇଥିଲେ ମଧ୍ୟ ପରମ୍ପରା ସଂସ୍କୃତି ଆଜି ମଧ୍ୟ ଜୀବିତ ଅଛି । ଏହାର ପୁନରୁଦ୍ଧାର ହୋଇପାରିଲେ ସମାଜରେ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଉଜ୍ଜୀବିତ ରହିବ ।

**ଉମାଶଙ୍କର ପ୍ରସାଦ**
*ଭଗତ୍ ଲେନ୍, ମେନ୍ ରୋଡ୍, ଖୋର୍ଦ୍ଧା,*
*ମୋ: ୮୮୯୫୫୪୭୪୯୦*

# ବିଶିଷ୍ଟ କଳାକାର କାଳନ୍ଦି ସାହୁଙ୍କ ଦ୍ୱାଦଶାହରେ ସ୍ମୃତିସଭା



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ପଳସିଂହା ଗ୍ରାମର କଳାକାର କାଳନ୍ଦି ଚରଣ ସାହୁଙ୍କ ଦ୍ୱାଦଶାହ ଅବସରରେ ଏକ ସ୍ମୃତିସଭା ତାଙ୍କ ପଳସିଂହା ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଶିଳ୍ପୀ ରତ୍ନାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ଗିତିକାର ସୁବାଷ ପାତ୍ର, ସଞ୍ଜୟ ମଲ୍ଲିକ, ସୁଶିଲ ସୁତାର, ପ୍ରଭାତ କୁମାର ସିଂ, ଉମାକାନ୍ତ ଜେନା, ସଂଯୁକ୍ତା ଦାସ, ଐଶ୍ୱର୍ଯ୍ୟା ଦାସ, ଇତିଶ୍ରୀ ଦାସ, ଅଶୋକ କୁମାର ସାହୁ, ଗଙ୍ଗାଧର ପାତ୍ର, ଗୌତମ ସାହୁ, ନିରଞ୍ଜନ ଦାସ, ପଦ୍ମନାଭ ଦାସଶର୍ମା, ଭଗବାନ ଜେନା, ଅଜିତ କୁମାର ମହାପାତ୍ର, ଗଣେଶ ଚନ୍ଦ୍ର ଦାସ, କରୁଣାକର ସେଠୀ, କାଙ୍ଗାଳି ଚରଣ ସାହୁ, ରାଧେଶ୍ୟାମ ଦାସ, ବାବୁରାମ ଜେନା, ଦୋଳଗୋବିନ୍ଦ ବେହେରା, ଦାମୋଦର ବିଶ୍ୱାଳ, ସୁରେନ୍ଦ୍ର କୁମାର ରାଉତ, ଅଭିରାମ ସାହୁ, ବାବୁରାମ ସାହୁ, ମଳୟ ସାହୁ, ଗଗନବିହାରୀ ସିଂଙ୍କ ସମେତ ଗୋପାଳ ଦାଶ ଗୀତିନାଟ୍ୟ ଦଳର ବହୁ ବିଶିଷ୍ଟ କଳାକାରମାନେ ଯୋଗଦେଇ ସ୍ୱର୍ଗତଃ ସାହୁଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ ।

# ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ପ୍ରତିଷ୍ଠା ଦିବସ ପାଳିତ

କେନ୍ଦ୍ରାପଡା (ପିଏନ୍: ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ୧୨୭ତମ ପ୍ରତିଷ୍ଠା ଦିବସ କେନ୍ଦ୍ରାପଡା କଲେଜ ଶାଖାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଶାଖା ପରିଚାଳକ ନରୋତ୍ତମ ସାହୁଙ୍କ ଅଧ୍ୟକ୍ଷତାରେ ବ୍ୟାଙ୍କ ଶାଖା ପରିସରରେ ଅନୁଷ୍ଠିତ ସଭାରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶାଖା କର୍ମଚାରୀମାନଙ୍କର ଗ୍ରାହକମାନଙ୍କ ପ୍ରତି ସହଯୋଗର ହାତ ବଢାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ସଭାରେ କଲେଜର ପ୍ରାକ୍ତନ ପ୍ରାଧ୍ୟାପକ ଡଃ. ଗିରିଶ ଚନ୍ଦ୍ର ପାତ୍ର ଯୋଗଦେଇ ବ୍ୟାଙ୍କ କର୍ମଚାରୀଙ୍କ



କାର୍ଯ୍ୟାବଳୀ ଉପରେ ଗୁରୁତ୍ୱାରୋପ କରିଥିଲେ । ସଭାରେ ବ୍ୟାଙ୍କର ଏକ ଏଟିଏମ କଲେଜ ପରିସରରେ ଖୋଲାଯିବାକୁ ମତ ପ୍ରକାଶ ପାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ଡେପୁଟୀ ମ୍ୟାନେଜର ଗଣେଶ ଚନ୍ଦ୍ର ପଣ୍ଡା ଓ ଅନ୍ୟ କର୍ମଚାରୀଙ୍କ ସମେତ କଲେଜର ଅଧାପକ ଜ୍ଞାନୀନ୍ଦ୍ର ଦାଶ, ରଞ୍ଜିତ କୁମାର ଦାସ, ଅଶୋକ କୁମାର ଦାସ, ଗୌରପ୍ରସାଦ ଷଡଙ୍ଗୀ, ରମାନାଥ ମହାନ୍ତି, ସାନ୍ଧ୍ୟ ମହାବିଦ୍ୟାଳୟର ଅଧାପକ ଗଙ୍ଗାଧର ସାହୁଙ୍କ ସମେତ ବହୁ ଗ୍ରାହକ ଉପସ୍ଥିତ ଥିଲେ ।

# ଟାଉନ ଥାନା ପୋଲିସର ରାତ୍ର ପାଟ୍ରୋଲିଂ ବେଳେ ଧରାପଡିଲେ ୪ ଡକାୟତ: ୬ ମୂର୍ତ୍ତି ସହ ମାରଣାସ୍ତ୍ର ଜବତ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଟାଉନ ଥାନାର ସହକାରୀ ସବଇନିସପେକ୍ଟର ଶରତ ଚନ୍ଦ୍ର ବାରିକ ଗତ ଶନିବାର ରାତିରେ ଗଣ୍ଡାଖିଆ-ସାନ୍ତସାହି ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ଗଣ୍ଡାଖିଆ ପଟରୁ ଦ୍ରୁତ ଗତିରେ କେନ୍ଦ୍ରାପଡା ଆଡକୁ ସନ୍ଦେହଜନକ ଅବସ୍ଥାରେ ଆସୁଥିବା ଏକ ମାରୁତି ଅଲଟୋ କାରକୁ ଏକଣାଖଣ୍ଡି ନିକଟରେ ରାତି ପ୍ରାୟ ସାଢେ ୨ଟା ବେଳେ ଅଟକାଇଥିଲେ । କାର ଭିତରେ ଥିବା ୬ଜଣଙ୍କ ମଧ୍ୟରୁ ୨ଜଣ ଦୌଡି ଚମ୍ପଟ ମାରିଥିବା ବେଳେ ୪ଜଣ ଡକାୟତକୁ ପୋଲିସ ଫୋର୍ସ ସହାୟତାରେ ଏ.ଏସ.ଆଇ. ଶ୍ରୀ ବାରିକ କାବୁ କରି ନେଇଥିଲେ । କାର ଭିତର ସର୍ଚ୍ଚ କରିବାରେ କାର ମଧ୍ୟରୁ ୬ଟି ପିତଳ ମୂର୍ତ୍ତି, ଶାଳଗ୍ରାମ, ଶିବଲିଙ୍ଗ ସମେତ ଭୁଜାଲି, ଖଣ୍ଡା, କଟୁରୀ ପ୍ରଭୃତି ମାରଣାସ୍ତ୍ର ବାହାରିଥିଲା । ଏ.ଏସ.ଆଇ. ଶ୍ରୀ ବାରିକ ସେସବୁକୁ ଜବତ କରି କାର ସହିତ ୪ଜଣ ଡକାୟତଙ୍କୁ ଟାଉନ ଥାନାକୁ ନେଇଆସିଥିଲେ । ସେହି ଡକାୟତ ୪ଜଣ ହେଉଛନ୍ତି ଡେରାବିଶି ଥାନା ଅନ୍ତର୍ଗତ ଓଲଢି ଗ୍ରାମର ଅଜୟ କୁମାର ମଲ୍ଲିକ (୨୪), ରଣଜିତ ଜେନା (୩୫), ସେକ ସାଇରୀ (୨୦) ଓ ସଦର ଥାନା ଅନ୍ତର୍ଗତ ବାଘିଲୋ ଗ୍ରାମର ମକରା ମଳିକ (୨୯) । ସେହି ଡକାୟତମାନେ ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ଏକ ମନ୍ଦିରରୁ ଠାକୁରଙ୍କ ପିତଳ ମୂର୍ତ୍ତି ଓ ଶାଳଗ୍ରାମ ପ୍ରଭୃତି ଚୋରୀକରି ଫେରୁଥିଲେ । ରବିବାର ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ୪ଜଣ ଡକାୟତଙ୍କ ସହ ଜବତ ପିତଳ ମୂର୍ତ୍ତି, ଶାଳଗ୍ରାମ ଓ ମାରଣାସ୍ତ୍ରକୁ ପଟ୍ଟାମୁଣ୍ଡାଇ ଥାନା ପୋଲିସକୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି ।

# ଗଞ୍ଜେଇଖୋରଙ୍କ ଅଭୟସ୍ଥଳୀ ପାଲଟିଛି ମୁଖାର୍ଜୀ ହଟିଂ

ଯୋଡା(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ଅନ୍ତର୍ଗତ ମୁଖାର୍ଜୀ ହଟିଂରେ ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ବଢିବାରେ ଲାଗିଛି । ରାତି ତ ରାତି ଦିନ ଦ୍ୱିପହର ସମୟରେ କିଛି ଅସାମାଜିକ ଯୁବକ ରାସ୍ତାକଡରେ ଖୁଲମଖୁଲା ଗଂଜେଇ ପରି ମାଦକଦ୍ରବ୍ୟ ସେବନ କରୁଛନ୍ତି । ଏହି ରାସ୍ତାଟି ଉକ୍ତ ହଟିଂର ମୁଖ୍ୟରାସ୍ତା ଥିବାରୁ ଛୋଟ ଶିଶୁ, ବିଦ୍ୟାର୍ଥୀ, ମହିଳାମାନେ ଅନବରତ ଯିବା ଆସିବା କରିଥାନ୍ତି ଏବଂ ନିକଟରେ ଏକ ଅଙ୍ଗନବାଡି କେନ୍ଦ୍ର ମଧ୍ୟ ଅଛି । ଏହି କେନ୍ଦ୍ରକୁ ଛୋଟ ଛୋଟ କୋମଳମତି ଶିଶୁମାନେ ଶିକ୍ଷାଲାଭ ପାଇଁ ଆସିଥା'ନ୍ତି । ଏହି ଯୁବକମାନେ ଏଥିପ୍ରତି



ଭ୍ରୂକ୍ଷେପ ନ କରି ଅନାୟାସରେ ମାଦକ ଦ୍ରବ୍ୟ ଟାଣି ରାସ୍ତା ଉପରକୁ ଧୂଆଁ ଛାଡିଥାନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ଏହି ଯୁବକମାନେ ମେଳିକରି ନିଶାସେବନ କରିବା ସହ ସହରରେ ଘଟୁଥିବା ବିଭିନ୍ନ ଚୋରୀ ରାହାଜାନୀ ଘଟଣାର ପ୍ଲାନିଙ୍ଗ କରୁଥିବା ଜଣାପଡିଛି । ତେଣୁ ଏଥିପ୍ରତି ସ୍ଥାନୀୟ ପୁଲିସ ପ୍ରଶାସନ ଗୁରୁତ୍ୱ ଦେଇ କଡାକଡି ପେଟ୍ରୋଲିଂ ସହ ଅତର୍କିତ ଚଢ଼ାଉ କରିବାକୁ ଅଂଚଳବାସୀ ଦାବୀ କରିଛନ୍ତି ।

# ଭୁବନେଶ୍ୱରରେ ଜଳ ସଙ୍କଟକୁ ନେଇ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ଦେଲେ ସାଇରାମ ଗାନ୍ଧୀ

ଭୁବନେଶ୍ୱର (ପିଏନ୍) : ଗତକାଲି ଥିଲା ୭୩ତମ ରାଜଧାନୀ ପ୍ରତିଷ୍ଠା ଦିବସ । ଏହି ଦିନରେ ଭୁବନେଶ୍ୱରକୁ ମିଳିଥିଲା ରାଜଧାନୀର ମାନ୍ୟତା । ୧୯୪୮ ମସିହା ଏପ୍ରିଲ ୧୩ ତାରିଖରେ ରାଜଧାନୀ ପ୍ରତିଷ୍ଠା ହୋଇଥିଲା । ମନ୍ଦିରମାଳିନୀ ସହର ସ୍ମାର୍ଟ ସିଟିର ମାନ୍ୟତା ପାଇଛି । ବଢିଛି ରାଜଧାନୀର କଳେବର । ଭୁବନେଶ୍ୱରର ଜନସଂଖ୍ୟା ୧୫ ହଜାରରୁ ବଢି ଏବେ କୋଟିଏରେ ପହଞ୍ଚିଲାଣି । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ସୌନ୍ଦର୍ଯ୍ୟକରଣରେ ନୂଆ ରୂପ ପାଇଛି ରାଜଧାନୀ ଭୁବନେଶ୍ୱର । ଆଧୁନିକତାର ଚାକଚକ୍ୟ ଭିତରେ ଏଠାରେ ବଦଳିଛି ଲୋକଙ୍କ ଜୀବନଧାରଣର ମାନ । କଟକ, ପୁରୀ, ଖୋର୍ଦ୍ଧା ଯାଏ ଲମ୍ବିଗଲାଣି ରାଜଧାନୀ ଭୁବନେଶ୍ୱରର କାୟାକଳ୍ପ । ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ସାଇରାମ ଗାନ୍ଧୀ ରାଜଧାନୀରରେ ଜଳ ସଙ୍କଟକୁ ନେଇ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।



# ମା'ବିରଜା ମନ୍ଦିରର ପଣ୍ଡିତସଭାର ବୈଠକ

ଯାଜପୁର (ପିଏନ୍): ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା'ବିରଜାଙ୍କ ପୂଜା ରୀତିନିତୀ ପାଇଁ ଗଠିତ ପଣ୍ଡିତ ସଭାର ଏକ ବୈଠକ ମନ୍ଦିର ପରିସରରେ ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ତଥା ଉପ-ଜିଲ୍ଲାପାଳ ଜ୍ୟୋତିଶଙ୍କର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ପ୍ରାରମ୍ଭରେ ଶିକ୍ଷାବିତ୍ ବିଶ୍ୱମ୍ଭର ବିଶ୍ର ଦେବୀ ବନ୍ଦନା କରବା ପରେ ସଭାପତି ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସମ୍ପାଦକ ଡଃ. ଜ୍ଞାନରଞ୍ଜନ ପତି ସଭ୍ୟମାନଙ୍କର ପରିଚୟ ପ୍ରଦାନ କରିଥିଲେ । ପଣ୍ଡିତସଭାକୁ ନୂତନକରି ନିର୍ବାଚିତ ହୋଇଥିବା ଶ୍ରୀ ବିରଜା ସେବାସମିତିର ସଭାପତି ବିଶ୍ୱମ୍ଭର ମିଶ୍ର, ପଣ୍ଡିତ ଅଜୟ କୁମାର ନନ୍ଦ, ପ୍ରଧାନ ଶିକ୍ଷକ ପ୍ରଭଞ୍ଜନ ପତିଙ୍କୁ ସଭାପତି ସ୍ୱାଗତ ଜ୍ଞାପନ କରିଥିଲେ । ଚଳିତ ବର୍ଷ ବିରଜା ପଞ୍ଜିକାରେ ମା'ବିରଜାଙ୍କ ମହାଷ୍ଟମି ଓ ମହାନବମି ଗୋଟିଏ ଦିନରେ ଥିବା ଆଲୋଚନା କରାଗଲା । ଏହା ଭୁଲ୍‌ବଶତଃ ପ୍ରକାଶ ପାଇଥିବାରୁ ଗଣମାଧ୍ୟମ ଜରିଆରେ ଉଭୟ ପଣ୍ଡିତସଭା ଓ ପଞ୍ଜିକାର ଶ୍ରୀ ଗଦାଧର ମହାପାତ୍ର ସ୍ପଷ୍ଟୀକରଣ ଦେବାକୁ ନିଷ୍ପତ୍ତି ଗ୍ରହଣ କରାଗଲା । ମନ୍ଦିର ପରିସରରେ ୧୦୮ ମହାଦେବଙ୍କ ସ୍ଥାନାନ୍ତର ସମ୍ପର୍କରେ ଆଲୋଚନା କରାଗଲା । ବୈଠକରେ ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର, ଡଃ. ସୁରେନ୍ଦ୍ର ନାଥ ମିଶ୍ର, ଡଃ. ଭୂବତିଭୂଷଣ ମିଶ୍ର, ମୁଖ୍ୟପୁରୋଧା ହିମାଂଶୁ ଶେଖର ପତିମିଶ୍ର, ପଣ୍ଡିତ ଅଦ୍ୱୈତ ପ୍ରସାଦ ମିଶ୍ର, ସରୋଜ କାନ୍ତ ପତି, ସତ୍ୟନାରାୟଣ କର, ଦେବୀପ୍ରସାଦ ପାଣି, ତାରାକାନ୍ତ ପାଣି, ନିତ୍ୟାନନ୍ଦ ଦେଓ ସମେତ ଅନ୍ୟ ସଭ୍ୟମାନେ ଯୋଗ ଦେଇଥିଲେ । ଶେଷରେ ବରିଷ୍ଠ ପୂଜକ ସୁବାସ ଚନ୍ଦ୍ର ପାଣି ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରକଳ୍ପ ପାଇଁ ମଞ୍ଜୁର ସରକାରୀ ଅନୁଦାନ ଅର୍ଥ ହଡପ ପାଇଁ ଅଧିକାରୀଙ୍କ ଭାଗବଂଟାକୁ ନେଇ ଅଡିଓ ଭାଇରାଲ

କେନ୍ଦ୍ରାପଡା (ପିଏନ୍): ସରକାରୀ ଅନୁଦାନ ଅର୍ଥ କିଭଳି ହଡପ ହେଉଛି ଏବଂ ସେଥିରେ ସଂପୃକ୍ତ ସଂସ୍ଥା ଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଅଧିକାରୀ ପର୍ଯ୍ୟନ୍ତ ଭାଗବଣ୍ଟା ଚାଲିଛି ସେ ସମ୍ପର୍କରେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏକ ଅଡିଓରୁ ଅନେକ ଲୁକ୍କାୟୀତ ତଥ୍ୟ ପଦାକୁ ଆସିବାରେ ଲାଗିଛି । କେନ୍ଦ୍ରାପଡା ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଜନୈକ ଶିଶୁ ଯତ୍ନ ଅଧିକାରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନାମରେ ସଂପୃକ୍ତ ଅନୁଷ୍ଠାନ ଠାରୁ ଅର୍ଥ ଉତ୍କୋଚ ମାଗୁଥିବା ସମ୍ପର୍କରେ ଭାଇରାଲ ହୋଇଥିବା ଅଡିଓରୁ ସୂଚନା ମିଳୁଛି । ସେହି ଅଧିକାରୀ ଓ ସଂପୃକ୍ତ ସଂସ୍ଥାର କର୍ମକର୍ତ୍ତାଙ୍କ ମଧ୍ୟରେ ଅର୍ଥ ଭାଗବଣ୍ଟାକୁ ନେଇ ହୋଇଥିବା କଥାବାର୍ତ୍ତାର ଅଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ସୂଚନା ଅନୁଯାଇ କେନ୍ଦ୍ରାପଡା ଜିଲ୍ଲାର ୩ଟି ଶିଶୁ ଯତ୍ନ ଅନୁଷ୍ଠାନ ନିମନ୍ତେ ପ୍ରାୟ ୧୦ଲକ୍ଷ ଟଙ୍କାର ସରକାରୀ ଅନୁଦାନ ମଞ୍ଜୁର ହୋଇଥିଲା । ସେହି ଅନୁଦାନ ଅର୍ଥ ଶିଶୁ ଯତ୍ନ ଅନୁଷ୍ଠାନରେ ଥିବା ଅନ୍ତେବାସୀଙ୍କ ନିମନ୍ତେ ବିନିଯୋଗ ହେବା କଥା । କିନ୍ତୁ ସେହି ଅନୁଦାନ ଅର୍ଥରୁ ଏକ ସିଂହଭାଗ ଅର୍ଥ ବାଟମାରଣା କରାଯିବାକୁ ହେଉଥିବା ଅଭିସନ୍ଧି ଏହି ଅଡିଓରୁ ଜଣାପଡିଛି ।ଏ ସମ୍ପର୍କରେ ମୋବାଇଲ ଯୋଗେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଶିଶୁ ଯତ୍ନ ଅଧିକାରୀ ଜଣଙ୍କ ଏକ ନିର୍ଦ୍ଦିଷ୍ଟ ସଂସ୍ଥାର ଜନୈକ କର୍ମକର୍ତ୍ତାଙ୍କ ସହ କଥା ହେଉଥିବା ଅଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଏହି ଘଟଣାରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ସାଧାରଣରେ ଉତ୍ସୁକତା ପ୍ରକାଶ ପାଇଛି ।

# ବେଆଇନ୍ ଗୋରୁ ଚାଲାଣ ବେଳେ ୭ ଗୋରୁ ଉଦ୍ଧାର, ୨ ଅଭିଯୁକ୍ତ ଗିରଫ

ଆନନ୍ଦପୁର (ପିଏନ୍): ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ପୁରୁଣାବାନ୍ଧଗୋଡା ରାସ୍ତାରେ ଏକ ବେଆଇନ୍ ଗୋରୁ ବୋଝେଇ ଗାଡି ଜବତ ହୋଇଛି । ଜବତ ଗାଡିରୁ ୭ଟି ଗୋରୁ ଉଦ୍ଧାର କରିବା ସହ ପୋଲିସ୍ ୨ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି । ଏକ୍ ପିକ୍‌ଅପ (ଓଡି୦୪-୭୯୩୫)ରେ ଗୋରୁ ଚାଲାଣ ହେଉଥିବା ଖବର ପାଇ ବଜରଙ୍ଗ ଦଳର ସଦସ୍ୟମାନେ ସଙ୍ଗେ ସଙ୍ଗେ ସେଠାରେ ପହଂଚି ଉକ୍ତ ଗୋରୁ ବୋଝେଇ ଗାଡିକୁ ଜବତ କରିଥିଲେ । ଏହି ରାକେଟ୍‌ରେ ସମ୍ପୃକ୍ତ ଥିବା ନେଇ ୨ ଜଣଙ୍କୁ ଅଟକ ରଖି ରାମଚନ୍ଦ୍ରପୁର ପୋଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ପୋଲିସ ପହଂଚି ୨ଜଣ ଯୁବକଙ୍କୁ ଥାନାକୁ ଆଣିବା ସହ ଗୋରୁମାନଙ୍କୁ ଜବତ କରିଥିଲେ ।




# ଆମ୍ବେଦକର ଜୟନ୍ତୀ ପାଳିତ

ଜୟପୁର: ଭାରତ ରତ୍ନ ବାବା ସାହେବ ଭୀମ ରାଓ ଆମ୍ବେଦକରଙ୍କ ୧୩୦ତମ ଜୟନ୍ତୀକୁ କୃଷି ଆଇନ ବିରୁଦ୍ଧରେ ସର୍ବ ଭାରତୀୟ କୃଷକ ଆନ୍ଦୋଳନକୁ ମଜବୁତ୍ କରିବା ଏବଂ ସମ୍ବିଧାନ ସୁରକ୍ଷା ପାଇଁ ସମର୍ପିତ କରି ଭାରତୀୟ କମ୍ୟୁନିଷ୍ଟ ପାର୍ଟି କୋରାପୁଟ ଜିଲ୍ଲା ପରିଷଦ ପକ୍ଷରୁ ଏକ ସ୍ମୃତି ଚାରଣ ସଭା ଜିଲ୍ଲା ସହ ସମ୍ପାଦକ ରାମକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ବକ୍ତବ୍ୟ ପ୍ରଦାନ କରି ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ପରିଷଦ ସଭ୍ୟ ପ୍ରମୋଦ କୁମାର ମହାନ୍ତି କହିଛନ୍ତି ଯେ, ଅଛୁଆଁ ଜାତିରେ ଜନ୍ମ ଗ୍ରହଣ କରିଥିବା ଭୀମ ରାଓ ଆମ୍ବେଦକର ବାଲ୍ୟକାଳରୁ ଅନୁଭବ କରିଥିଲେ ଜାତିଗତ ସାମାଜିକ ଶୋଷଣର ପ୍ରଚଣ୍ଡ ପ୍ରହାର । ସମସ୍ତ ବାଧାବିଘ୍ନ ଅତିକ୍ରମ କରି ଉଚ୍ଚରୁ ଉଚ୍ଚତର ଶିକ୍ଷା ପ୍ରାପ୍ତ କରିଥିଲେ । ସାମାଜିକ ରାଜନୈଅତିକ ଅର୍ଥନୈତିକ ବିଷୟରେ ବ୍ୟାପକ ଜ୍ଞାନ ଆହରଣ କରିଥିଲେ । ତାଙ୍କ ଭଳି ଉଚ୍ଚ ଶିକ୍ଷିତ ଦୁନିଆରେ ବିରଳ । ରାଜନୈତିକ କ୍ଷେତ୍ରରେ ସେ ନିଜର ସ୍ୱତନ୍ତ୍ର ପରାକାଷ୍ଠା ପ୍ରତିପାଦନ କରିଛନ୍ତି । ସ୍ୱାଧୀନତା ଆନ୍ଦୋଳନରେ ବ୍ରିଟିଶ ସାମ୍ରାଜ୍ୟବାଦ୍ ବିରୁଦ୍ଧରେ ଲଢୁଥିବା ବେଳେ ଦଳିତ ମାନଙ୍କ ଉତଥାନ ପାଇଁ ଆହ୍ୱାନ ମଧ୍ୟ ଦେଇଥିଲେ । ଏଥିରେ ଦ୍ୱିତୀୟ ମତ ନାହିଁ ଯେ, ଡକ୍ଟର ଆମ୍ବେଦକରଙ୍କ ସହ ମହାତ୍ମାଗାନ୍ଧୀଙ୍କର ମଧ୍ୟ ମତ ପାର୍ଥକ୍ୟ ଥିଲା । କମ୍ୟୁନିଷ୍ଟ ପାର୍ଟି ତାଙ୍କ ସହ ଏକମତ ନଥିଲା । ଏ ସବୁ ସତ୍ତ୍ୱେ ମହାତ୍ମାଗାନ୍ଧୀ ହିଁ ତାଙ୍କୁ ସମ୍ବିଧାନ ସଭାର ଅଧ୍ୟକ୍ଷ ଦାୟିତ୍ୱ ନିର୍ବାହ କରିବା ପାଇଁ ଅପେକ୍ଷା କରିଥିଲେ ଏବଂ କମ୍ୟୁନିଷ୍ଟ ପାର୍ଟି ଅନ୍ୟ ମାନଙ୍କ ସହ ସହଯୋଗ କରିଥିଲା । ସେ କେବଳ ସଂରକ୍ଷଣ ପାଇଁ ମତ ପ୍ରକାଶ କରିଥିଲେ ତା ନୁହଁ ବରଂ ସେ ମହିଳା ଶ୍ରମିକ ଗରୀବ ଓ ସର୍ବୋପରି ସାଧାରର ଲୋକଙ୍କ ଅଧିକାର ପାଇଁ ସମ୍ବିଧାନରେ ଆଇନକୁ ସକ୍ଷମ କରିଛନ୍ତି । ତାକୁ ଲାଗୁ କରିବା ଆଜି ଆମର ଦାୟିତ୍ୱ । ଆମ୍ବେଦକରଙ୍କ ସର୍ବୋପରି ସାଧାରଣ ଲୋକଙ୍କ ଅଧିକାର ପାଇଁ ସମ୍ବିଧାନରେ ଆଇନକୁ ସକ୍ଷମ କରିଛନ୍ତି । ତାକୁ ଲାଗୁକରିବା ଆଜି ଆମର ଦାୟିତ୍ୱ । ଆମ୍ବେଦକରଙ୍କ ଜୟନ୍ତୀ ପାଳନ ଅବସରରେ ଏକଥା ମନେ ରଖିବାକୁ ହେବ ଯେ ଆଜି ଭାରତବର୍ଷର କୃକେ କେନ୍ଦ୍ରର ମୋଦୀ ସରକାର ଆଣିଥିବା କୃଷି, କୃଷକ ଓ ଜନସାଧାରଣ ସ୍ୱାର୍ଥ ବିରୋଧି କୃଷି ଆଇନ ବାତିଲ୍ କରିବା ଦାବିରେ ରାଜରାସ୍ତାରେ ଲଢ଼ାଇ ଜାରୀ ରଖିଛନ୍ତି । ସମ୍ବିଧାନ ବିଧି ବିଧାନକୁ ପଦ ଦଳନ କରି ଆଇନ ସଂଶୋଧନ କରାଯାଇଛି । ଠିକ୍ ସେହିପରି ଶ୍ରମିକ ବିରୋଧି ସଂଶୋଧିତ ଆଇନ୍ ଲାଗୁ କରାଯାଇଛି । ସମ୍ବିଧାନରେ ଶିକ୍ଷା, ସ୍ୱାସ୍ଥ୍ୟ, ବଂଚିବାର ଅଧିକାରକୁ କ୍ଷୁର୍ଣ୍ଣ କରାଯାଉଛି । ସମୟ ଆସିଛି ଆଜି ତାର ସୁରକ୍ଷା ପାଇଁ ଗଣ ଆନ୍ଦୋଳନ କରିବା ପାଇଁ ଗଣ ଆନ୍ଦୋଳନ କରିବା ପାଇଁ ହେବ । କୃଷକ ସଂଘର୍ଷ ସମନ୍ୱୟ ସମିତିର ସର୍ବଭାରତୀୟ ଆନ୍ଦୋଳନକୁ ସମର୍ଥନ କରି ବ୍ୟାପକ କରିବା ଓ ସଫଳ କରିବା ପାଇଁ ସମର୍ପିତ କରି ସଭାରେ ମତ ବ୍ୟକ୍ତ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ସିପିଆଇ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳ ନିତ୍ୟାନନ୍ଦ ପାତ୍ର, ଶ୍ରମିକ ନେତା ତିରୁପତି ଜାନୀ ପ୍ରମୁଖ ମତ ରଖିଥିଲେ ।

## ଜାତୀୟ ସେବାଯୋଜନା ପୋଷ୍ୟଗ୍ରାମରେ କୋଭିଡ ଟୀକାକରଣ ପାଇଁ ସଚେତନତା କାର୍ଯ୍ୟକ୍ରମ

ବାରିପଦା:ବର୍ତ୍ତମାନ ୪୫ ବର୍ଷରୁ ଉର୍ଦ୍ଧ୍ୱ ନାଗରିକମାନଙ୍କ ପାଇଁ କୋଭିଡ-୧୯ ଟୀକାକରଣ ଉତ୍ସବ ପାଳନ ଅବସରରେ ଚଳିତ ଏପ୍ରିଲ ୧୧ ତାରିଖଠାରୁ ୧୪ ତାରିଖ ପର୍ଯ୍ୟନ୍ତ ବାରିପଦା ସହରର ତଖତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ଗ୍ରହଣ କରାଯାଇଥିବା ପୋଷ୍ୟଗ୍ରାମ ଦେବେନ୍ଦ୍ରପୁରରେ ସଚେତନତା କାର୍ଯ୍ୟକ୍ରମ ଜାତୀୟସେବା ଯୋଜନା ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡଃ ସ୍ମୃତି ରଞ୍ଜନ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବହୁ ସ୍ୱେଚ୍ଛାସେବୀ କୋଭିଡ ନିୟମାବଳୀ ମାନି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଚାରି ଦିନ ଧରି କୋଭିଡ ରାଲି ସହିତ ସ୍ଲୋଗାନ, ପ୍ରାଚୀର ପତ୍ର ବଂଟନ ମାଧ୍ୟମରେ ଗ୍ରାମବାସୀଙ୍କୁ ଟୀକା ଉତ୍ସବ ବିଷୟରେ ଧାରଣା ଦେଇ ମାସ୍କ, ସାନିଟାଇଜରର ବ୍ୟବହାର ସହିତ ସାମାଜିକ ଦୂରତା ରଖିବା ପାଇଁ ସଚେତନ କରାଯାଇଥିଲା । ଏତଦ୍‌ବ୍ୟତୀତ ପଥପ୍ରାନ୍ତ ନାଟକ ମାଧ୍ୟମରେ ଅଭିନୟ ପ୍ରଦର୍ଶନ କରି ଗ୍ରାମବାସୀଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ କୋଭିଡ ଟୀକା ନେବା ପାଇଁ ଉତ୍ସାହିତ କରିଥିଲେ । ଏଭଳି ସଚେତନତା କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମବାସୀମାନେ ଅଧିକ ଉପକୃତ ହୋଇଥିବାର ଜାତୀୟସେବା ଯୋଜନା ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡଃ ସ୍ମୃତି ରଞ୍ଜନ ଦାସ ପ୍ରକାଶ କରିଛନ୍ତି । ସେହିପରି ଉକ୍ତ କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ରାଜ୍ୟ ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ସହିତ ଉଚ୍ଚଶିକ୍ଷା ବିଭାଗ ଉପସଚୀବ ତଥା ରାଜ୍ୟ ଏନ୍.ଏସ.ଏସ. ଅଧିକାରୀ ଡଃ ରମେଶ ବେହେରା ଓ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ସଂଯୋଜକ ଡଃ ଶୁଭେନ୍ଦୁ ଦାସ ପ୍ରମୁଖ ଭୂୟସୀ ପ୍ରଶଂସା କରିଛନ୍ତି ।

# ଦେବଭୂମିରେ ୨୧ତମ ବିଷୁବ ମିଳନ ପାଳିତ

ଭଦ୍ରକ: ଦେବଭୂମି ଗବସାହି, ଭଦ୍ରକ ଠାରେ ବିଷୁବ ପରିଷଦର ୨୧ତମ ବିଷୁବ ମିଳନ କୋଭିଡ଼ କଟକଣାକୁ ମାନି ପାଳିତ ହୋଇଯାଇଛି । ଗୋପାଳକୃଷ୍ଣ ଦାସ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଡ. ଶଶଧର ଦାସ, ସମ୍ମାନିତ ଅତିଥି ଭାବେ ଯାତ୍ରାଭିନେତା ସୁରେଶ ପଣ୍ଡା, ମୁଖ୍ୟବକ୍ତା ଭାବେ ପ୍ରଦୀପ କୁମାର ଜେନା ଯୋଗ ଦେଇଥିଲେ । ରାଧା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କବି ମୁକ୍ତିକାନ୍ତ ମଲ୍ଲିକ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ । ଚଳିତ ବର୍ଷ ସମ୍ମାନଜନକ ବିଷୁବ ସାହିତ୍ୟ ସମ୍ମାନ କବି ନରେଶ ମଣ୍ଡଳଙ୍କୁ ଦିଆଯାଇଥିଲା । ସମ୍ମାନିତ ପ୍ରତିଭାଙ୍କ ଉଦ୍ଦେଶ୍ୟରେ ଜଗବନ୍ଧୁ ପାଣି ମାନପତ୍ର ପାଠ କରିଥିଲେ । ଦିବ୍ୟସିଂହ ନାୟକଙ୍କ ସଂକଳନରେ ରେଣୁପ୍ରଭାଙ୍କ କବିତା ପୁସ୍ତକ 'ଜୀବନ ଜ୍ୟାମିତିରେ ଝୋଟିଚିତା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଡ. ମମତା ସାହୁ ପୁସ୍ତକର ସମୀକ୍ଷା କରିଥିଲେ । ଏହି ଅବସରରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । କବି ଅରୂପାନନ୍ଦ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠରେ କବି ଗୌରାଙ୍ଗ ବାରିକ, ବଳରାମ ପଣ୍ଡା, ଦେବେନ୍ଦ୍ର ନାଥ ମହାଲିକ, ଗିରିଧାରୀ ନାଥ, ମୁକୁନ୍ଦଦେବ ନାୟକ, ଡ. ଅବନୀ ପ୍ରଧାନ, ଦିବ୍ୟସିଂ ଦାସ ଅଧିକାରୀ, ନିର୍ମଳ ପଲାଇ, ସୁରଜିତା ନାୟକ, ବାମଦେବ ମିଶ୍ର, ବାମଦେବ ମିଶ୍ର, ବିଜୟ ବହଳି ପ୍ରମୁଖ କବିତା ପାଠ କରିଥିଲେ । କବିର ଅନ୍ତରାମ୍ଭାରୁ ନିସ୍ତବ୍ଧରେ କବିତା ପ୍ରବାହିତ ହୋଇ ସମାଜକୁ ସୁଶିକ୍ଷା ଦେଇ ସୁସ୍ଥ ସମାଜ ଗଢିଥାଏ ବୋଲି ମୁଖ୍ୟବକ୍ତା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇଂ ମହେଶ ପ୍ରସାଦ ଦାସ, ଦୀପକ ସାହୁ, କରୁଣାକର ବେହୁରିଆ, ରାଜକିଶୋର ସାହୁ, ସନାତନ ଦାସ, ପ୍ରଫୁଲ୍ଲ ପାଢୀ, ଯତୀଶ ରାୟ, ନରେନ୍ଦ୍ର ଦାସ, ନିରଞ୍ଜନ ପାଣି, ସୁକାନ୍ତିଲତା ସାହୁ, ବାମଦେବ ମିଶ୍ର, ଆନନ୍ଦ ଦାସ, ଋଷ୍ୟଶୃଙ୍ଗ ନାୟକ, ସାଗରିକା ନାୟକ, ଶ୍ରୀକାନ୍ତ ନାୟକ, ସୁଜାତା ନାୟକ, ପ୍ରାତିପରିଚିତା ନାୟକ, ପ୍ରଣତୀ ମଲ୍ଲିକ, ଅମରେଶ ରାଉତ, ସମ୍ପ୍ରୀତି ନାୟକ, ସଂଯୁକ୍ତା ମହାପାତ୍ର, ଚାରୁଲତା ମହାପାତ୍ର, ଶଶୀ ଭୂଷଣ ପାଣି, ରୂପକ ବିହାରୀ ରାୟ, କାର୍ତ୍ତିକ ଚନ୍ଦ୍ର ନାୟକ, ସୁରଂଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ପ୍ରଭାତୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲା ବିଜେପି କାର୍ଯ୍ୟାଳୟରେ ଆମ୍ବେଦକର ଜୟନ୍ତୀ

ଭଦ୍ରକ: ପୂଜ୍ୟ ବାବା ସାହେବ ଆମ୍ବେଦକର ଜୀଙ୍କ ୧୩୧ତମ ଜନ୍ମ ଜୟନ୍ତୀ ଅବସରରେ ଆଜି ଭାରତୀୟ ଜନତା ପାର୍ଟି ଭଦ୍ରକ ଜିଲା କାର୍ଯ୍ୟାଳୟ ଠାରେ ଏକ ସଭା ଜିଲା ସଭାପତି ହେମନ୍ତ ପାଢ଼ୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏହି ସଭା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ଭଦ୍ରକ ବିଧାନସଭା ନେତା ଡ଼ଃ ପ୍ରଦୀପ କୁମାର ନାୟକ, ଭଣ୍ଡାରିପୋଖରୀ ବିଧାନସଭା ନେତା ବଦ୍ରିନାରାୟଣ ଧଳ,ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ଜିଲା ଉପସଭାପତି ଶ୍ରୀହର୍ଷ ସ୍ୱାଇଁ ଏବଂ ଗୀତାଞ୍ଜଳି ଆଇଚ, ଜିଲା ସାଧାରଣ ସମ୍ପାଦକ ଶଶିକାନ୍ତ ବିଶ୍ୱାଳ, ଜିଲା ସମ୍ପାଦିକା ତପସ୍ୱିନୀ ମହାପାତ୍ର, ଜିଲା ଯୁବମୋର୍ଚ୍ଚା ସଭାପତି ବିକାଶ ଶ୍ରେଷ୍ଠା, ଜିଲା ଆଇଟି ସେଲ ପ୍ରମୁଖ ଶଶାଙ୍କ ଶେଖର ମିଶ୍ର, ଚୈତାଳି ଖିଲାର, ବରିଷ୍ଠ କାର୍ଯ୍ୟକର୍ତ୍ତା କୈଳାଶ ସାହୁ,ବୃଷଭାନୁ ସାହୁ,ପ୍ରମୋଦ ସାମଲ,ଯୁବନେତା ଭାଗୀରଥି ମହାକୁଡ଼,ଶଶାଙ୍କ ଶେଖର ଦାସ,ପୁନିଲ ସାମନ୍ତ ,ମାନସ ନାୟକ, ଲକ୍ଷ୍ମୀକାନ୍ତ ବାରିକ(ଏଲକେ),ପୂର୍ଣଚନ୍ଦ୍ର ପାଣିଗ୍ରାହୀ, ସ୍ୱତେଶ ଜେନା, ନିର୍ମଳ ପଣ୍ଡା । ପ୍ରଥମେ ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରି ତାଙ୍କୁ ଶ୍ରଦ୍ଧା ନିବେଦନ କରିବା ପରେ ସ୍ୱର୍ଗତ ଆମ୍ବେଦକର ଭାରତୀୟ ସମ୍ବିଧାନ ପ୍ରଣୟନ କ୍ଷେତ୍ରରେ ରହିଥିବା ପ୍ରମୁଖ ଭୂମିକା ସମଗ୍ର ବିଶ୍ୱବାସୀଙ୍କୁ ଚକିତ କରିଥିଲା । ଆମ୍ବେଦକରଙ୍କ ଜୀବନ ଶୈଳୀ, ତାଙ୍କ ଦେଶ ମାତୃକା ପ୍ରତି ପ୍ରେମ ତଥା ସାଧାରଣ ଜନତାଙ୍କ ପାଇଁ ରହିଥିବା ଭଲପାଇବା ଆଜି ତାଙ୍କୁ ଚିର ସ୍ମରଣୀୟ କରି ରଖିଛି ବୋଲି ମତ ପ୍ରକାଶ କରିଥିଲେ ।

# ବହୁଜନ ସମାଜପାର୍ଟି ପକ୍ଷରୁ ଆମ୍ବେଦକରଙ୍କ ୧୩୧ତମ ଜୟନ୍ତୀ ପାଳିତ

ଭଦ୍ରକ: ବହୁଜନ ସମାଜ ପାର୍ଟି, ଭଦ୍ରକ ଲୋକସଭା ଆନୁକୂଲ୍ୟରେ ଆଧୁନିକ ଭାରତୀୟ ସମ୍ବିଧାନର ଜନକ ଭାରତରତ୍ନ ଡ. ଭୀମରାଓ ଆମ୍ବେଦକରଙ୍କ ୧୩୧ତମ ଜୟନ୍ତୀ ଚରମ୍ପା ସ୍ଥିତ ହୋଟେଲ ଅଭିନନ୍ଦନରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ହୋଇଥିବା ଏକ ଆଲୋଚନାଚକ୍ରରେ ଭଦ୍ରକ ଜିଲ୍ଲା ସଭାପତି ନିର୍ମଳ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱ କରିଥିଲେ । ଯାଜପୁର ଜୋନ ପ୍ରଭାରୀ ବିଭୁତି ଭୂଷଣ ମାଝୀ ମୁଖ୍ୟ ଅତିଥି, ରାଜ୍ୟ ସାଧାରଣ ସମ୍ପାଦକ ଆଇନଜୀବୀ ଅର୍ଜୁନ ଚରଣ ମଲ୍ଲିକ ମୁଖ୍ୟବକ୍ତା, ଭଦ୍ରକ ଲୋକସଭା ପ୍ରଭାରୀ ମାଧବାନନ୍ଦ ମଲ୍ଲିକ, ଜିଲ୍ଲା ସାଧାରଣ ସମ୍ପାଦକ ରାଜୀବ ଲୋଚନ ଜେନା, ପ୍ରକାଶ ମଲ୍ଲିକ, ଲଲାଟେନ୍ଦୁ ମଲ୍ଲିକ, ପ୍ରକାଶ ଚନ୍ଦ୍ର ମୁଦୁଲି ପ୍ରମୁଖ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇ ଡ. ଆମ୍ବେଦକରଙ୍କ ବହୁବିଧ ପ୍ରତିଭା, ଆଜୀବନ ତ୍ୟାଗ, ଦୃଢ ଇଚ୍ଛାଶକ୍ତି ବଳରେ କିପରି ସଂଗଠନ ଓ ଗରିବ ଲୋକଙ୍କ ଭୋଟ ମାଧ୍ୟମରେ ଶାସନ କରାଯାଇ ପାରେ ତାହାର ଉଦାହରଣ ଦେଇ ଆଲୋଚନା କରିଥିଲେ । ବାଲ୍ୟାବସ୍ଥାରେ ଡ. ଆମ୍ବେଦକରଙ୍କ ସ୍କୁଲ ଶିକ୍ଷା ଓ ସାଧାରଣ ଲୋକମାନେ ସର୍ବସାଧାରଣରେ କିପରି ନିର୍ଯାତିତ ହେଉଥିଲେ, ଇଂ ଶୁଭେନ୍ଦୁ ମଲ୍ଲିକଙ୍କ ନିର୍ଦ୍ଦେଶନାରେ ଗୀତିନାଚ, ସଂଗୀତ ଓ ଅଭିନୟ ମାଧ୍ୟମରେ ଦେଖାଇବା ବିଶେଷ ଦୃଷ୍ଟି ଆକର୍ଷଣ କରିଥିଲା । ଭଦ୍ରକ ଲୋକସଭାସ୍ଥ ବିଭିନ୍ନ ବିଧାନସଭା, ଯଥା- ଭଦ୍ରକ, ବାସୁଦେବପୁର, ଚାନ୍ଦବାଲି, ଧାମନଗର, ଭଣ୍ଡାରିପୋଖରୀ, ସିମୁଳିଆ ଓ ସୋର ବିଧାନସଭା କ୍ଷେତ୍ରରୁ ଖଲିଦ ରହେମନ, ରାଜୁ ଖାନ୍, ଖଲିଦ୍ ଖାନ୍, ଅଭୟ ମଲ୍ଲିକ (କ ଓ ଖ), ସୁରେନ୍ଦ୍ର ମଲ୍ଲିକ, ପ୍ରଦୀପ ମଲ୍ଲିକ, ପ୍ରଫୁଲ୍ଲ ଜେନା, କୁଳମଣି ମଲ୍ଲିକ, ନିରଞ୍ଜନ ଦାସ, ଶିବ ସୁନ୍ଦର ଜେନା, ବିଦ୍ୟାଧର ଜେନା, ନିର୍ମଳ ଜେନା, ସୁମିତ୍ରା ଜେନା, ସୁବାସ ଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ ।

# ଭଦ୍ରକରେ ମୃଦୁ ପାନୀୟ କେନ୍ଦ୍ର ଉଦ୍‌ଘାଟିତ

ଭଦ୍ରକ: ଭଦ୍ରକରେ 'ପ୍ରଗତି ପାଠକ ସଂଘ' ତରଫରୁ ଆଜି ପୂର୍ବାହ୍ଣରେ ମୃଦୁ ପାନୀୟ କେନ୍ଦ୍ର ଆରଡ଼ି ଛକ ପୂର୍ବରୁ ସାଇ କଲ୍ୟାଣ ମଣ୍ଡପ ସମ୍ମୁଖରେ ଉଦ୍‌ଘାଟିତ ହୋଇ ଯାଇଛି । ଏହି କେନ୍ଦ୍ରରେ ବେଲ ପଣା, ଲେମ୍ବୁ ପାଣି, ଦହି ପାଣି, ଥଣ୍ଡା ପାଣି ବିଭିନ୍ନ ଦିନରେ ସର୍ବସାଧାରଣଙ୍କୁ ବ ନ କରାଯାଉଛି । ଏହି ଉପଲକ୍ଷେ ଏକ ଉଦ୍‌ଘାଟନୀ ସଭା ଅବସରପ୍ରାପ୍ତ ଜିଲ୍ଲା ସୂଚନା ଅଧିକାରୀ ହରମୋହନ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ତଥା ଶିଶୁ ସୁରକ୍ଷା ସମିତିର ପୂର୍ବତନ ଅଧକ୍ଷ କମଳାକାନ୍ତ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧକ୍ଷ ରତ୍ନାକର ଦାଶ ଯୋଗ ଦେଇ ପଣା ସଂକ୍ରାନ୍ତରେ ପଣାର ଗୁରୁତ୍ୱ ବିଶେଷ କରି ଭଦ୍ରକ ପରି ଏକ ସହରରେ ଖରାଦିନେ ବାଟୋଇଙ୍କୁ ଅଂଶୁଘାତରୁ ରକ୍ଷା କରିବାରେ ସାହାଯ୍ୟ କରିବ ବୋଲି ପ୍ରକାଶ କରିଥିଲେ । ପୂର୍ବତନ ଷ୍ଟେଟ ବ୍ୟାଙ୍କ ପରିଚାଳକ ରାମଚନ୍ଦ୍ର ସ୍ୱାଇଁଙ୍କ ତ୍ୱାବଧାନରେ ଏହି କେନ୍ଦ୍ର ପରିଚାଳିତ ହେବ ବୋଲି ସୂଚନା ଦିଆଯାଇଛି । ସଂଘର ସଭାପତି ପୂର୍ବତନ ଜିଲ୍ଲା ସଂସ୍କୃତି ଅଧିକାରୀ କାହ୍ନୁ ଚରଣ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂଘର ସଦସ୍ୟ ବୈଲୋଚନ ବେହୁରିଆ, ପୂର୍ଣ୍ଣଚନ୍ଦ୍ର ଦାଶ, ଦେବେନ୍ଦ୍ର କେଶ, ଗୌରହରି ନାୟକ ଉପସ୍ଥିତ ରହି ସହଯୋଗ କରିଥିଲେ । ପୂର୍ବରୁ ପ୍ରଗତି ପାଠକ ସଂଘ ତରଫରୁ ଜିଲ୍ଲା ଲୋକ ସମ୍ପର୍କ କାର୍ଯ୍ୟାଳୟ ସମ୍ମୁଖରେ ଉତ୍କଳ ଦିବସ ଠାରୁ ଏକ ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା । ସେଠାରେ ମଧ ଆଜି ପୂର୍ବାହ୍ଣରେ ଡ. ବଳରାମ ମିଶ୍ରଙ୍କ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଘୋଳଦହି ବ ନ କରିଥିଲେ । ଖରାଦିନରେ ଦହି ମଣିଷର ସ୍ୱାସ୍ଥ୍ୟ ପ୍ରତି ଉପାଦେୟ ବୋଲି ପ୍ରକାଶ କରିଥିଲେ । ଏହି ଉତ୍ସବରେ ମଧ ହରମୋହନ ଜେନା ସଭାପତିତ୍ୱ କରିଥିବା ବେଳେ କାହ୍ନୁ ଚରଣ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରକାଶ ଥାଉକି ପ୍ରଗତି ପାଠକ ସଂଘ ଭଦ୍ରକର ୯ଜଣ ବରିଷ୍ଠ ନାଗରିକଙ୍କୁ ନେଇ ବିଗତ ୫ ବର୍ଷ ହେବ ଗରିବ ଦୁଃଖୀଙ୍କ ସେବାରେ ଲାଗିଛି ।

# ପାନୀୟଜଳ ପାଇଁ ଲୋକେ ତହଳବିକଳ, ପ୍ରଶାସନ ନିଦାବିଷ୍ଟ, ୫ଦିନ ଧରି ଜଳଯୋଗାଣ ପରେ ବିଜେପି ପକ୍ଷରୁ ଆନ୍ଦୋଳନ ଚେତାବନୀ

ଭଦ୍ରକ: ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପ ାତର ବାରଟି ୱାର୍ଡ ମଧ୍ୟରୁ ଛଅଟି ୱାର୍ଡର ନାରାୟଣପୁର, ରାମଚନ୍ଦ୍ରପୁର, ସଂପୋଇ, ନେଉଳିଆ, ଭୂତିଆ ଗ୍ରାମର ପାଖାପାଖି ପଚିଶଶହ ଗ୍ରାମବାସୀ ପାନୀୟ ଜଳ ଅଭାବରୁ ତହଳବିକଳ ହେଉଛନ୍ତି । ସରକାରଙ୍କ ପକ୍ଷରୁ ଉକ୍ତ ଗ୍ରାମଗୁଡିକରେ ଶହେରୁ ଉର୍ଦ୍ଧ ନଳକୂପ ଥିଲେ ମଧ ମରାମତି ଅଭାବରୁ ଅଧିକାଂଶ ଅକାମୀ ହୋଇପଡିଥିବା ବେଳେ ଆଉ କିଛି ଅତିକମ ଜଳସ୍ତରରେ ବସାଯାଇଥିବା ଯୋଗୁଁ ବ୍ୟବହାର ଉପଯୋଗୀ ଜଳ ଦେଉ ନାହିଁ । ଏହା ବାଦ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ ଦ୍ୱାରା ଜଳଯୋଗାଣ ନିମନ୍ତେ ବ୍ୟବହାର କରାଯାଇଥିବା ପାଇପ ଅତି ନିମ୍ନମାନର ହୋଇଥିବା ଯୋଗୁଁ ଏହା ସ୍ଥାନେ ସ୍ଥାନେ ଫାଟି ଯାଇ ପାଣିର ଅପଚୟ ହେଉଛି । ଯାହା ଦ୍ୱାରା ଅତ୍ୟନ୍ତ ଗ୍ରୀଷ୍ମ ପ୍ରବାହରେ ପାନୀୟ ଜଳ ପାଇଁ ଜନସାଧାରଣ ତହଳବିକଳ ହେବା ସରକାରଙ୍କ ଉ ରଦାଇତ୍ୱ ପ୍ରତି ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଯାହାକୁ ନେଇ ସାଧାରଣ ଲୋକ ଅସନ୍ତୋଷ ଥିବା ବେଳେ ବିରୋଧି ବିଜେପି ଏହି ଘଡିସନ୍ଧି ମୁହୂର୍ତ୍ତରେ ପାନୀୟ ଜଳ ଯୋଗାଣ କରି ଜନସାଧାରଣଙ୍କ ଆସ୍ଥା ଭାଜନ ହୋଇ ପାରିଛି । ଲୋକଙ୍କ ଜଳକଷ୍ଟ ଦୂର କରିବା ପାଇଁ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ବଦ୍ରୀନାରାୟଣ ଧଳଙ୍କ ପ୍ରଚେଷ୍ଟାରେ ସ୍ଥାନୀୟ କର୍ମକର୍ତ୍ତା ପ୍ରଦ୍ୟୁମ୍ନ ସେନାପତି, କ୍ଷୀରୋଦ ରାୟ, ସମୀର ରାଉତ, ପ୍ରହ୍ଲାଦ ସାହୁ, ଦିନବନ୍ଧୁ ରାଉତ, ଶୁବାସିଷ ରାଉତ, କାଳନ୍ଦୀ ଘଡେଇ, ସ୍ୱରାଜ ମହାପାତ୍ର, କୃପାସିନ୍ଧୁ ବାରିକଙ୍କ ସହଯୋଗରେ ଚାରି ଦିନ ଧରି ଜଳଯୋଗଣ କରୁଛନ୍ତି । ଏହି ଭଳି ସମସ୍ୟା ଅନେକ ଗ୍ରାମରେ ଥିବା ବେଳେ ସରକାରୀ ଅଧିକାରୀମାନଙ୍କ ଦାଇତ୍ୱହୀନତାକୁ ନେଇ ବିଜେପି ସରକାରଙ୍କୁ ଅନେକ ପ୍ରଶ୍ନ କରିଛି । ଏହି ସମସ୍ୟାକୁ ନେଇ ଶ୍ରୀ ଧଳ ସରକାରଙ୍କୁ ତୀବ୍ର ଭର୍ତ୍ସନା ସହ ଜଳପ୍ରକଳ୍ପ ନିର୍ମାଣରେ ହୋଇଥିବା ବ୍ୟାପକ ଦୁର୍ନୀତି ବିଷୟରେ ଗଣମାଧ୍ୟମକୁ ଅବଗତ କରାଇଛନ୍ତି । ତାଙ୍କ ଅଭିଯୋଗ ମୂଳେ ପାନୀୟ ଜଳଯୋଗାଣକୁ ସୁଗମ କରିବା ପାଇଁ ସରକାରଙ୍କ ପକ୍ଷରୁ ସ୍ଥାନୀୟ ବାଲିପୋଖରୀ ଓ ମଞ୍ଜୁରୀରୋଡ ଠାରେ ମେଗା ଜଳଯୋଗାଣ ପ୍ରକଳ୍ପ ମାଧ୍ୟମରେ ଦୁଇଟି ଟାଙ୍କି ନିର୍ମାଣ ପାଇଁ ୨୦୦୨ ମସିହାରୁ କାର୍ଯ୍ୟାଦେଶ ପାଇ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନଥିବା ସ୍ଥଳେ ଏହାର ମରାମତି ପାଇଁ କୋଟିଏରୁ ଉର୍ଦ୍ଧ ଟଙ୍କା ବ୍ୟୟ ବରାଦ କାହା ସ୍ୱାର୍ଥରେ ବୋଲି ସେ ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ଏତ୍‌ଦବ୍ୟତୀତ ସ୍ଥାନୀୟ ବିଧାୟକଙ୍କ ନିରବତାକୁ ନେଇ ତାଙ୍କର ଅଯୋଗ୍ୟପଣତାକୁ ସର୍ବସାଧାରଣରେ ସ୍ୱୀକାର କରିବାକୁ ସେ ଆହ୍ୱାନ ଦେବା ସହ ଯଦି ଆଗାମୀ ତିନିଦିନ ମଧ୍ୟରେ ଏହି ନିର୍ବାଚନମଣ୍ଡଳୀର ପ୍ରତି ଗ୍ରାମରେ ପାନୀୟ ଜଳର ସୁବ୍ୟବସ୍ଥା କରାନଯାଏ ତେବେ ବିଜେପି ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେ ଅବଗତ କରାଇଛନ୍ତି ।

# ଭଦ୍ରକ ଜିଲାରେ ସରକାରଙ୍କ କ୍ଷେତପୋଖରୀ ଖୋଳା ମିଶନ ଫେଲ, ପୋଖରୀ ନଖୋଳି ମିଥ୍ୟା ବିଲ୍‌ରେ ଲକ୍ଷ ଲକ୍ଷ ଟଙ୍କା ହଡପ

ଭଦ୍ରକ: ଭଦ୍ରକ ଜିଲାରେ ଫେଲ୍ ମାରିଛି ସରକାରଙ୍କ କ୍ଷେତ ପୋଖରୀ ଖୋଳା ଯୋଜନା । ପୋଖରୀ ନଖୋଳି ସାଇନବୋର୍ଡ ନଲଗାଇ ତଦାରଖ କରାନଯାଇ ହଡପ ହୋଇଛି ଲକ୍ଷ ଲକ୍ଷ ଟଙ୍କା । ଯାହାକୁ ନେଇ ଏବେ ଜିଲାବ୍ୟାପି ଚର୍ଚ୍ଚାର ବିଷୟ ହୋଇଛି । ରାଜ୍ୟ ର ଚାଷୀଙ୍କୁ ଶସକ୍ତ କରିବା ସକାସେ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୨୦୧୯-୨୦ ଠାରୁ ରାଜ୍ୟବ୍ୟାପି ଆରମ୍ଭ ହୋଇଥିଲା କ୍ଷେତ ପୋଖରୀ ଖୋଳା ଯୋଜନା । ସମଗ୍ର ରାଜ୍ୟରେ ୫ ବର୍ଷରେ ୫ ଲକ୍ଷ ପୋଖରୀ ଖୋଳିବା ସକାସେ ଲକ୍ଷ ଧାର୍ଯ୍ୟ କରାଯାଇ ଗତ ୨୦୧୯/୨୦ ଆର୍ଥିକ ବର୍ଷରେ ପ୍ରତି ଜିଲାକୁ ସରକାରଙ୍କ ପକ୍ଷରୁ ଟାର୍ଗେଟ ପ୍ରଦାନ କରାଯାଇଥିଲା । ତଦନୁଯାଇ ଭଦ୍ରକ ଜିଲାରେ ଆଗାମୀ ୫ ବର୍ଷରେ ଅନ୍ୟୁନ ୪ ହଜାର ୫ ଶହ ପୋଖରୀ ଖୋଳିବାକୁ ଟାର୍ଗେଟ ପ୍ରଦାନ କରାଯାଇଥିବା ଜଣାପଡିଛି । ତେବେ ଯୋଜନାକୁ ଇତିମଧ୍ୟରେ ୨ ବର୍ଷ ବିତିବାକୁ ବସିଥିବା ବେଳେ ଜିଲାରେ ବର୍ତ୍ତମାନ ସୁଦ୍ଧା ୨୦ ଗୋଟି ପୋଖରୀ ମଧ୍ୟ ସଂପୂର୍ଣ୍ଣ ହୋଇନଥିବା ବେଳେ ଏହି ବାବଦକୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ସରିଥିବା ଜଣାପଡିଛି । ୨୦ ମିଟର ଲମ୍ବ ୨୦ ମିଟର ପ୍ରସ୍ତ ଏବଂ ସର୍ବାଧିକ ୧୦ ମିଟର ଗଭିରତାରେ ଏହି କ୍ଷେତ ପୋଖରୀ ଖନନ ସକାସେ ସରକାରଙ୍କ ପକ୍ଷରୁ ପୋଖରୀ ପିଛା ୧ ଲକ୍ଷ ୯୩ ହଜାର ଟଙ୍କା ମଞ୍ଜୁର କରାଯାଇଛି । ଏଥିରେ ପୋଖରୀ ଖୋଳା ଇନଲେଟ-ଆଉଟଲେଟ ତିଆରି,ଘାସ ଚଂଛା,ଏବଂ ପାଇପ କିଣାରେ ପ୍ରାୟ ୧ ଲକ୍ଷ ୭୦ ହଜାର ଟଙ୍କା ବ୍ୟୟ ଅଟକଳ ରଖାଯାଇଥିବା ବେଳେ ପୋଖରୀରେ ସାଇନବୋର୍ଡ ମରା ଏବଂ ମହିଳା ସ୍ୱୟଂସହାୟିକା ଗୋଷ୍ଟିଙ୍କ ଦ୍ୱାରା ସମୁଦାୟ ପ୍ରକ୍ରିୟାର ତଦାରଖ କରିବାକୁ ପ୍ରାୟ ୨୩ ହଜାର ଟଙ୍କା ରଖାଯାଇଛି । ପୋଖରୀ ସକାସେ ସର୍ବନିମ୍ନ ୧୫ ଡେସିମିଲ ଜମିଥିବା ଚାଷୀଙ୍କୁ ଏହି ସୁବିଧା ଯୋଗାଇ ଦେବାକୁ ସରକାରୀ ଭାବେ ଘୋଷଣା କରାଯାଇଛି । ସମୁଦାୟ ପ୍ରକ୍ରିୟାକୁ ଏମଜିଏନଆରଇଜିଏସ ଜରିଆରେ ଶ୍ରମିକ ଲଗାଇ ପୋଖରୀ ଖୋଳିବାକୁ କୁହାଯାଇଛି । ଏହା ଫଳରେ କୋଭିଡ ଯୋଗୁ କାମ ଧନ୍ଦା ନପାଇ ଦୁର୍ଦ୍ଦିନରେ ଦିନ କାଟୁଥିବା ଗରୀବ ଶ୍ରମିକ ମାନେ ଉପକୃତ ହେବା ସହିତ ଏହି ପୋଖରୀକୁ ଆଧାର କରି ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ବିଭିନ୍ନ ଯୋଜନାରେ ସବସିଡ ଦେଇ ଆତ୍ମନିର୍ଭରଶିଳ କରିବାକୁ ଲକ୍ଷ ରଖାଯାଇ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଛି । ତେବେ ଭଦ୍ରକ ଜିଲ୍ଲାରେ ଏହି ଯୋଜନା କେବଳ କାଗଜପତ୍ରରେ ସିମିତ ରହିଥିବା ଅଭିଯୋଗ ହୋଇଛି । ଗତ ଦୁଇ ବର୍ଷ ମଧ୍ୟରେ ଜିଲାକୁ ମଞ୍ଜୁର କରାଯାଇଥିବା ପୋଖରୀ ଖୋଳା ଧାର୍ଯ୍ୟଲକ୍ଷର ଏକ ପ୍ରତିଶତ ମଧ୍ୟ ପୁରଣ ହୋଇ ନଥିବା ବେଳେ ଏହି ବାବଦରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ଯାଇଥିବା ଅଭିଯୋଗ ହୋଇଛି । ସବୁଠାରୁ ବଡ କଥା ହେଲା ଜବ କାର୍ଡ ମାଧ୍ୟମରେ ଉଦ୍ଧିଷ୍ଟ ଏହି କାମକୁ ମେସିନରେ ଖୋଳାଯାଇ ମିଥ୍ୟା ମାଷ୍ଟରରୋଲ ଜରିଆରେ ଲକ୍ଷ ଲକ୍ଷ ଟଙ୍କା ହଡପ କରାଯାଇଥିବା ଜଣାପଡିଛି । ଏଥିନେଇ ବିଭାଗିୟ କର୍ତ୍ତୃପକ୍ଷଙ୍କ ଠାରେ ଏକାଧିକ ଅଭିଯୋଗ ଦରଜ କରାଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଫଳଶୁନ୍ୟ ସାବ୍ୟସ୍ତ ହୋଇଛି । ଭଦ୍ରକ ଜିଲା ତିହିଡି ବ୍ଲକ ବାରସର ପଂଚାୟତରେ ଏହି ଧରଣର ଏକାଧିକ ଅଭିଯୋଗ ଆସିଥିବା ବେଳେ କର୍ତ୍ତୃପକ୍ଷ ତଦନ୍ତ ଆଳରେ ଏହାକୁ ଅଣଦେଖା କରିଚାଲିଥିବା ଅଭିଯୋଗ ହୋଇଛି । ମିଳିଥିବା ସୁଚନା ଅନୁଯାଇ ଭଦ୍ରକ ଜିଲ୍ଲାକୁ ଗତ ୨୦୧୯-୨୦ ରେ ୭୩୮ ଗୋଟି ପୋଖରୀ ଖୋଳିବାକୁ ଲକ୍ଷ ଧାର୍ଯ୍ୟ ରଖାଯାଇଥିବା ବେଳେ ସେଥିରୁ ଗୋଟିଏ ହେଲେ ପୋଖରୀ ସଂପୂର୍ଣ୍ଣ ହୋଇନଥିବା ବେଳେ ମାତ୍ର ୬୮ ଗୋଟି ପୋଖରୀ ର ଗ୍ରାଉଣ୍ଡିଂ କାମ ହୋଇଥିବା ସୂଚନା ମିଳିଛି । ସେହିଭଳି ଗତ ୨୦୨୦-୨୧ ପାଇଁ ଜିଲାକୁ ୧୧୩୦ ଗୋଟି ଏବଂ ପରବର୍ତ୍ତି ୩ ବର୍ଷ ରେ ଜିଲ୍ଲାକୁ ପ୍ରାୟ ୪ ହଜାର ୫ ଶହ ପୋଖରୀ ଖୋଳିବାକୁ ଟାର୍ଗେଟ ମଞ୍ଜୁର ହୋଇଥିବା ବେଳେ ସେଥିରୁ ମାତ୍ର ୧୦/୧୨ ଗୋଟି ପୋଖରୀ ଖୋଳା ସଂପୂର୍ଣ୍ଣ ହୋଇଥିବା ବେଳେ ୨୬୮ ଗୋଟି ପୋଖରୀ ଗ୍ରାଉଣ୍ଡିଂ ସ୍ତରରେ ପଡି ରହିଛି । ଏଥିନେଇ ଜିଲାରେ ପୋଖରୀ ଖୋଳା ଦାୟିତ୍ୱରେ ଥିବା ଜିଲା ମୃର୍ତ୍ତିକା ସଂରକ୍ଷଣ ବିଭାଗ ସହକାରୀ ନିର୍ଦ୍ଦେଶକ ମୋହିତ ଦାଶଙ୍କୁ ଯୋଗା ଯୋଗ କରାଯାଇଥିବା ବେଳେ ସେ କହିଥିଲେ ଯେ ଆମ ହାତରେ ଯଥେଷ୍ଟ ମ୍ୟାନ-ପାୱାର ନଥିବା ତଥା ସରକାରଙ୍କ ନିର୍ଦ୍ଦେଶ ମତେ ଆମେ ୫୦ ପ୍ରତିଶତ ପୋଖରୀ ଖୋଳା ଦାୟିତ୍ୱ ନେଇଥିବା ବେଳେ ୩୦ ପ୍ରତିଶତ କୃଷି ବିଭାଗ ଏବଂ ୨୦ ପ୍ରତିଶତ ଜିଲ୍ଲା ଉଦ୍ୟାନ ବିଭାଗକୁ ଦେଇଛୁ ।

# ଶ୍ରୀହନୁମାନ ଜୟନ୍ତୀ ଓ ମହାବିଷୁବ ସଂକ୍ରାନ୍ତି ପାଳିତ

ଭଦ୍ରକ: ଶ୍ରୀ ଶ୍ରୀ ହନୁମାନ ଜୟନ୍ତୀ ଆଜି ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଭିନ୍ନ ସ୍ଥାନରେ କୋଭିଡ କଟକଣା ମଧ୍ୟରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମୁଡ଼ାପଦା ପ୍ରସିଦ୍ଧ ମହାବୀର ମନ୍ଦିର, ଛତାବର, ମଞ୍ଜୁରୀରୋଡ, ନାଆମୀ, ଥଇଳା, ରାଢ଼ୋ, ରହଣିଆ, ସରସଦା, କୁଲଣା, ବାରିକପୁର, ପାଟୁଳି, ଛତାବର, ଭଣ୍ଡାରିପୋଖରୀ ବଜାର, ରେବୋ, ମଣିନାଥପୁର, ନଗୁଆଁ, ସମେତ ବିଭିନ୍ନ ସ୍ଥାନରେ ଥିବା ହନୁମାନ ମୂର୍ତ୍ତି ଓ ଗ୍ରାମଦେବାଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଛି । ନାମସଂକୀର୍ତ୍ତନ, ହୋମଯଜ୍ଞ, ପ୍ରବଚନ, ଶ୍ରୀରାମଚରୀତ ମାନସ ପାରାୟଣ ସହ ପ୍ରସାଦ ସେବନର ଆୟୋଜନ କରାଯାଇଛି । ବିଭିନ୍ନ ଗ୍ରାମଦେବତୀ ପୀଠ ସମେତ ଥଇଳା, ଚେକାସାଆନ୍ତାଣୀ, ମଞ୍ଜୁରୀରୋଡ ମା' ତାରେଣୀ ପୀଠରେ ପୂଜାର୍ଚ୍ଚନା କରାଯାଇଛି । ନେରଡା ମା' ସୁନାମହିଙ୍କ ଚଡକ ଯାତ୍ରା ମଙ୍ଗଳବାର ମଧ ରାତ୍ରରୁ ନିରାଡମ୍ବର ଭାବେ ପାଳନ କରାଯାଇଛି । ଉତ୍କଳୀୟ ପରମ୍ପରା ଅନୁଯାୟୀ ମହାବିଷୁବ ସଂକ୍ରାନ୍ତି ପର୍ବ ବୁଧବାର ପାଳନ କରାଯାଇଛି । ସୂର୍ଯ୍ୟଙ୍କର ବିଷୁବାୟନ ଗତି ଆରମ୍ଭର ପବିତ୍ର ମୁହୂର୍ତ୍ତଟି ମହାବିଷୁବ ସଂକ୍ରାନ୍ତି ଭାବେ ପାଳିତ ହୁଏ । ରାଶିଚକ୍ରର ପ୍ରଥମ ରାଶି 'ମେଷ'ର ଆଦ୍ୟ ଦିବସ ହୋଇଥିବାରୁ ଏହାକୁ 'ଓଡ଼ିଆ ନବବର୍ଷ' ଭାବେ ପାଳନ କରାଯାଏ । ଏହି ଅବସରରେ ଦେବାଦେବୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଛି । ଯଅ, ଛତୁଆ, ନଡ଼ିଆ, କଦଳୀ, ଗୁଡ଼, କର୍ପୁର ମିଶ୍ରିତ ପଣା ଓ ଆମ୍ବ ଭୋଗ ଦେବତାଙ୍କୁ ସମର୍ପିତ କରାଯାଇଛି ।

# ମୟୂରଭଞ୍ଜ: ଆଜି ଜିଲ୍ଲାରୁ ସର୍ବାଧିକ ୬୦ କରୋନା ପଜିଟିଭ ଚିହ୍ନଟ

ବାରିପଦା: ଗତ ୨୦୨୦ ନଭେମ୍ବର ମାସ ପରେ ପ୍ରଥମ ଥର ନିମନ୍ତେ ସର୍ବାଧିକ କରୋନା ପଜିଟିଭ କେଶ ସମ୍ମୁଖକୁ ଆସିଛି । ଆଜି ଓଡ଼ିଶାରୁ ଚିହ୍ନଟ ହୋଇଥିବା ୨୨୬୭ କରୋନା ପଜିଟିଭ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାରୁ ୬୦ ଜଣ କରୋନା ଆକ୍ରାନ୍ତ ରହିଛନ୍ତି ଏବଂ ଜିଲ୍ଲାରେ ସଂକ୍ରମିତମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୪,୮୦୨ରେ ପହଁଚିଛି । ସେହିପରି ଏପ୍ରିଲ ୧୩ ପର୍ଯ୍ୟନ୍ତ ଜିଲ୍ଲାରୁ ୧୪,୪୦୩ ସୁସ୍ଥ ହୋଇ ଫେରିଥିବା ସମୟରେ ଆଜି ସୁଦ୍ଧା ୩୦୭ ଜଣ ସକ୍ରିୟ ଥାଇ ହୋମ ଆଇସୋଲେସନରେ ଚିକିତ୍ସା ହେଉଛନ୍ତି ଏବଂ ଜିଲ୍ଲାରୁ କରୋନା ଭୂତାଣୁ ସଂକ୍ରମିତ ଥାଇ ଚିକିତ୍ସାଧୀନ ଅବସ୍ଥାରେ ମୋଟ ୯୨ ଜଣଙ୍କର ମୃତ୍ୟୁ ହୋଇଥିବାର ଜଣାପଡ଼ିଛି । ତେବେ ଗତ ଜାନୁଆରୀଠାରୁ ମାର୍ଚ୍ଚ ମଧ୍ୟରେ ଜିଲ୍ଲାରେ କରୋନା ପଜିଟିଭ ସଂଖ୍ୟା ପ୍ରାୟତଃ ଏକ ଅଙ୍କ ତଳେ ରହି ଆସିଥିବା ବେଳେ ଚଳିତ ଏପ୍ରିଲ ଆରମ୍ଭରୁ ଦୁଇ ଅଙ୍କରେ ଚାଲିଛି ଏବଂ ୧୪ ଦିନରେ ଜିଲ୍ଲାରୁ ୩୭୭ ଜଣ କୋଭିଡ଼-୧୯ ଭୂତାଣୁରେ ସଂକ୍ରମିତ ହୋଇଥିବାର ଜଣାପଡ଼ିଛି । ଏହି ସମୟରେ ଗତ କାଲି ଜଣେ ରାଜ୍ୟ ସରକାରୀ କର୍ମଚାରୀ ତଥା ବାରିପଦା ପୌରପରିଷଦର ଅଧିବାସୀ କରୋନାରେ ଆକ୍ରାନ୍ତ ଥାଇ ଭୁବନେଶ୍ୱରସ୍ଥିତ ଆପଲୋ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି । ଗତ ୭ ଦିନ ପୂର୍ବେ ସେ କୋଭିଡ଼-୧୯ ଭୂତାଣୁରେ ଆକ୍ରାନ୍ତ ହୋଇଥିବାର ଜଣାପଡ଼ିଥିଲା । ଏହି ସରକାରୀ କର୍ମଚାରୀଙ୍କ ମୃତ୍ୟୁ ଜିଲ୍ଲାବାସୀଙ୍କ ନିମନ୍ତେ ସତର୍କ ଘଂଟି ସଦୃଶ୍ୟ । ଏହି ସମୟରେ ଜିଲ୍ଲାରେ କୋଭିଡ଼ ହସପିଟାଲ ବନ୍ଦ ରହିଥିବା ବେଳେ କେବଳ ହସପିଟାଲରେ ୫୦ ବେଡ଼ର ଆଇସୋସେସନ ବେଡ଼ ରହିଛି । ଏଣୁ 'ଆମେ ସଚେତନ ଓ ସତର୍କ ରହିଲେ କୋଭିଡ଼-୧୯ ଭୂତାଣୁ ଆମକୁ କଦାପି ହରାଇ ପାରିବ ନାହିଁ । ମାସ୍କ ପିନ୍ଧିବା ସହ କୋଭିଡ଼ ୧୯ ମାର୍ଗଦର୍ଶୀକାକୁ କଡ଼ାକଡ଼ି ପାଳନ କରିବା ହେଉଛି ବର୍ତ୍ତମାନ ପରିସ୍ଥିତିରେ ଏକ ଆହ୍ୱାନ ପାଲଟିଯାଇଛି । ଏଣୁ ସତର୍କ ଓ ସଚେତନ ହୋଇ ବିନା ଲକଡାଉନରେ କରୋନାକୁ ପରାସ୍ତ କରି ଉଦାହରଣ ପାଲଟିବା' ପାଇଁ ମୁଖ୍ୟମନ୍ତ୍ରୀ ନବୀନ ଓଡ଼ିଶାବାସୀଙ୍କୁ ବାର୍ତ୍ତାକୁ ଅକ୍ଷରେ ଅକ୍ଷରେ ପାଳନ କରିବାର ସମୟ ଆସିଯାଇଛି । କେବଳ ଆମ ସଚେତନତା ହିଁ ଆମ ସୁରକ୍ଷାର କବଚ ଭାବେ କାର୍ଯ୍ୟ କରିବ ।

# ଆଚଂଳିକ ଟ୍ରକ ମାଲିକ ସଂଘର ସାଧାରଣ ସଭା ଅନୁଷ୍ଠିତ

ଝୁମ୍ପୁରା: କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡ ବାମେବାରୀ ଥାନା ଅର୍ନ୍ତଗତ ବୈତରଣୀ ନଦୀ କୂଳ ସତୀଘାଟ ଠାରେ ରବିବାର ଦିନ ଅଚଂଳିକ ଟ୍ରକ ମାଲିକ ସଂଘର ପ୍ରଥମ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସଂଘର ସମ୍ପାଦକ ରାଜେନ୍ଦ୍ର ବାରିକଙ୍କ ଆବାହକତ୍ୱରେ ସଭା ଆୟୋଜନ କରାଯାଇଥିବା ବେଳେ ସଂଘର ସଭାପତି ମନୋଜ କୁମାର ମହାନ୍ତଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳନା ହୋଇଥିଲା । ଆଚଂଳିକ ଟ୍ରକ ମାଲିକ ସଂଘର କାଳିମାଟି ଏବଂ ଦେଓଝରେ ଠାରେ ଫେବୃଆରୀ ୨୬ରେ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହେବା ପରେ ଏହି ସାଧାରଣ ସଭା ଅନୁଷ୍ଠିତ ହୋଇଛି । ଯୋଡା ଟ୍ରକ ମାଲିକ ସଂଘର ମେରୀରାୟ ନୀତିରେ ସାଧାରଣ ଟ୍ରକ ମାଲିକମାନେ ଗାଡି ଲୋଡିଙ୍ଗ ରୁ ବଚଂିତ ହୋଇ ନାନା ହଇରାଣ ହରକତ ହେଉ ଥିଲେ । ଫଳରେ ଯୋଡା ଟ୍ରକ ମାଲିକ ସଂଘ କୁ ବିରୋଧ କରି ଆଚଂଳିକ ଟ୍ରକ ମାଲିକ ସଂଘ ମୁଣ୍ଡ ଟେକିଥିଲା । ନୂତନ ସଂଘ ଗଠିତ ହେବା ପରେ ଏହି ସଂଘରେ ବର୍ତ୍ତମାନ ସୁଦ୍ଧା ୧ହଜାର ରୁ ଉର୍ଦ୍ଧ୍ୱ ଟ୍ରକ ମାଲିକ ସେମାନଙ୍କ ନାମ ପଞ୍ଜିକରଣ କରି ସାରିଛନ୍ତି । ଆସନ୍ତା ମାସକ ମଧ୍ୟରେ ସମସ୍ତ ଯାନ ଗୁଡିକୁ କମ୍ପୁଟର କରଣ କରିବା ସହ ସମସ୍ତ ଖଣି ରୁ ମାଲ ପରିବହନ କରାଯିବ ବୋଲି ସଂଘର ସମ୍ପାଦକ ଶ୍ରୀ ବାରିକ ସୂଚନା ଦେଇଛନ୍ତି । ଆଚଂଳିକ ଟ୍ରକ ମାଲିକ ସଂଘ କୁ ସୁଚାର ରୂପେ ପରିଚାଳନା କରିବା ନିମନ୍ତେ ବର୍ତ୍ତମାନ ୨୨ ଜଣ ସଦସ୍ୟ ଙ୍କୁ ପରିଚାଳନା କମିଟିର ସଦସ୍ୟ କରାଯାଇଛି । ସେମାନଙ୍କ ମଧ୍ୟରୁ ସଭାପତି ମନୋଜ କୁମାର ମହାନ୍ତ, ଉପ-ସଭାପତି ଅର୍ଜୁନ କୁମାର ମୁଣ୍ଡା ଓ ମୁରଲୀଧର ମହାନ୍ତ, ସାଧାରଣ ସମ୍ପାଦକ ରାଜେନ୍ଦ୍ର ବାରିକ, ସହ-ସମ୍ପାଦକ ମୋନୋବୋଧ ବେହେରା, ବୁଲୁ ଚରଣ ବାରିକ, କୋଷାଧକ୍ଷ ତପନକୁମାର ସାହୁ ସେହିପରି ଉଗ୍ରେସନ ଆପଟ୍ଟ, କମଳାକାନ୍ତ ମହାକୁଡ, ଅନାଦି ବାରିକ, ଦିବ୍ୟଲୋଚନ ସାହୁ, ମହମ୍ମଦ ସାବାଜ ଆଲ୍ଲାମ, ମହମ୍ମଦ ଓସିଦ୍ ଆକମଲ୍ଲ, ମିଶ୍ର ମହାନ୍ତ, ପ୍ରଭାସ ପ୍ରସାଦ, ପର୍ଶୁରାମ ମହାନ୍ତ, ଗୋବିନ୍ଦ ଖିଲାର, ଜ୍ଞାନରଂଜନ ଖୁଣ୍ଟିଆ, ନନ୍ଦକିଶ୍ୱର ମହାନ୍ତ, ବସନ୍ତ କୁମାର ପଲେଇ, ସୋରଜ ବାରିକ, ରଣଜିତ କୁମାର ବେହେରା ଙ୍କୁ ଇ.ବି ମେମ୍ବର ଭାବେ କମିଟିରେ ସ୍ଥାନୀତ କରାଯାଇଛି । ଆୟୋଜିତ ସଭାରେ ଉପଦେଷ୍ଟା ମିଟିର ସଦସ୍ୟ ଭକ୍ତବନ୍ଧୁ ମହାନ୍ତ, ଜେଠୁରାମ ମହାନ୍ତ, ଗୋପୀନାଥ ଗୋପ, ଜୟନ୍ତ କଲୁମାର ବେହେରା, ମହମ୍ମଦ ମତିଉର ରହମାନ, ବିରବର ନାଏକ, ରଞ୍ଜିତ ନାଏକ, ତ୍ରୀଲୋଚନ ପଲେଇ ପ୍ରମୁଖ ଉପସ୍ଥିତ ରହି ଆଚଂଳିକ ଟ୍ରକ ମାଲିକ ସଂଘର କର୍ମକର୍ତ୍ତାମାନଙ୍କୁ ସଂଘକୁ କିପରି ଭାବେ ସୁଦୃଢ କରିବା ସହ ଆଗାମୀ ଦିନରେ ଏକ ଅଗ୍ରଣୀ ଓ ସୁପ୍ରତିଷ୍ଠିତ ସଂଘ କରାଯିବ ସେ ଉଦ୍ଦେଶ୍ୟରେ ସୁଚିନ୍ତିତ ମତାମତ ଦେଇଥିଲେ । ଏହି ସାଧାରଣ ସଭାରେ ଚମ୍ପୁଆ ଉପଖଣ୍ଡ ସମେତ ପଳାଶପଙ୍ଗା ଅଚଂଳରୁ ୭ଶହରୁ ଉର୍ଦ୍ଧ୍ୱ ଟ୍ରକ ମାଲିକ ଯୋଗଦାନ କରିଥିବା ଦେଖିବାକୁ ମିଳିଥିଲା ।

# ମହୁଦୀପା ବାଲି ଘାଟରୁ ଚୋରା ବାଲି ଚାଲାଣ, ବିପୁଳ ରାଜସ୍ୱ ହାନି

କେନ୍ଦୁଝର: ସାହାରପଡା ତହସିଲ ଅନ୍ତର୍ଗତ ବୈତରଣୀର ମହୁଦୀପା ବାଲିଘାଟରୁ ବେଆଇନ୍ ବାଲି ଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି । ଏ ନେଇ ପୂର୍ବରୁ ସ୍ଥାନୀୟ ଲୋକେ କେନ୍ଦୁଝର ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ନଦୀକୁ ଯାଇଥିବା ଗୋଟିଏ ରାସ୍ତାକୁ କାଟି ଦିଆଯାଇ ଥିଲା । ଏବେ ଏହି ରାସ୍ତାକୁ ମରାମତି କରି ବାଲି ମାଫିଆମାନେ ମନଇଚ୍ଛା ବାଲି ଲୁଟ୍ ପାଇଁ ସୁଯୋଗ ପାଉ ଥିବାରୁ ବିପୁଳ ରାଜସ୍ୱ ହାନୀ ହେଉଥିବା ଅଭିଯୋଗ ହୋଇଛି । କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣେ ମତ ପ୍ରକାଶ ପାଇଛି ।




# ୭୩ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳିତ




ଭୁବନେଶ୍ୱର (ପିଏନ୍): ୭୩ତମ ରାଜଧାନୀ ପ୍ରତିଷ୍ଠା ଦିବସ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି , ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଗତକାଲି ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । କୋଭିଡ୍ କଟକଣା ଅନୁପାଳନ ପୂର୍ବକ ଏହି ଉତ୍ସବକୁ ସରକାରୀ ସ୍ତରରେ ପାଳନ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନୁମତି ପ୍ରଦାନ ପରେ ଏହି କାର୍ଯ୍ୟକ୍ରମ ଉଭୟ ମଂଚ ଓ ଭର୍ଚୁଆଲ ବ୍ୟବସ୍ଥା ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଓଡିଶା ବିଧାନ ସଭାର ମାନ୍ୟବର ବାଚସ୍ପତି ଡଃ. ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ବାଚସ୍ପତି, ପ୍ରାଚୀନ ଓଡିଶାର ଗୌରବମୟ ଇତିହାସ ଓ ଭୁବନେଶ୍ୱରକୁ ରାଜଧାନୀ କରିବାର ପୃଷ୍ଠଭୂମି ସଂପର୍କରେ ଆଲୋକପାତ କରି କହିଲେ ଯେ, ସହରର ବିକାଶରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଫଳରେ ଏହାର ରୂପରେଖରେ ପରିବର୍ତ୍ତନ ହୋଇଛି ଓ ବୃହତର ସହରର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା, ଶିଳ୍ପ ଆଦି ବିଭିନ୍ନ କ୍ଷେତ୍ରରେ ବିକାଶ ଯୋଗୁଁ ରାଜଧାନୀ ଭୁବନେଶ୍ୱର ସମସ୍ତଙ୍କର ପ୍ରିୟ ହୋଇପାରିଛି ବୋଲି ସେ ମତବ୍ୟକ୍ତ କରିଥିଲେ । ଆମ ରାଜଧାନୀକୁ ଆମେ ସର୍ବଦା ସୁନ୍ଦର ଓ ନିର୍ମଳ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ଡଃ.ପାତ୍ର ପ୍ରକାଶ କରିଥିଲେ । ରାଜ୍ୟ ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର ମନ୍ଦିରମାଳିନୀ ସହରରୁ ବିକଶିତ ହୋଇ ସ୍ମାର୍ଟ ସିଟିର ମାନ୍ୟତା ପାଇ ଦେଶରେ ଅଗ୍ରଣୀ ସହରର ସମତୁଲ୍ୟ ହେବା ଆମ ସମସ୍ତଙ୍କ ପାଇଁ ଗୌରବର କଥା ବୋଲି କହିଥିଲେ । ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରି ୨୦୧୧ ମସିହାଠାରୁ ଏହି ଉତ୍ସବ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱୀକୃତି ଫଳରେ ସରକାରୀ ସ୍ତରରେ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ଆନୁକୂଲ୍ୟରେ ପାଳନ କରାଯାଉଥିବା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଓଡିଶା ରିଭ୍ୟୁ ତଥା ଉତ୍କଳ ପ୍ରସଙ୍ଗର ସଂପାଦକ ଡଃ. ଲେନିନ୍ ମହାନ୍ତି, ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ସନତ କୁମାର ମହାନ୍ତି, ରାଜଧାନୀ ପ୍ରତିଷ୍ଠା ଦିବସର ସଭାପତି ତଥା ବରିଷ୍ଠ ସ୍ତମ୍ଭକାର ଶ୍ରୀ ପ୍ରଦୋଷ ପଟ୍ଟନାୟକ, କମିଟିର ସାଧାରଣ ସଂପାଦକ ଶ୍ରୀ ସନତ ମିଶ୍ର, ଉପସଭାପତି ଶ୍ରୀ ପ୍ରଦ୍ୟୁମ୍ନ ମହାନ୍ତି ପ୍ରମୁଖ ଯୋଗଦେଇ ରାଜଧାନୀ ଭୁବନେଶ୍ୱରର ଉନ୍ନତି, ସହରକୁ ଅଧିକ ସୁନ୍ଦର ଓ ଆକର୍ଷଣୀୟ କରିବା ତଥା ସହରବାସୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଜନସାଧାରଣଙ୍କ ସମ୍ମିଳିତ ସହଯୋଗ କରାଯିବା ଆଦି ସଂପର୍କରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ଡାକ୍ତର ପ୍ରସନ୍ନ କୁମାର ଦାସ, ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ଗଭର୍ଣ୍ଣର ଡଃ. ଶକ୍ତିକାନ୍ତ ଦାସ, ଆଇନଜ୍ଞ ପ୍ରସନ୍ନ କୁମାର ପଟ୍ଟନାୟକ, ବିଶିଷ୍ଟ ସମାଜସେବୀ ରାଜକିଶୋର ଶିଳା, ଅଭିନେତା ସମ୍ବିତ୍ ଆଚାର୍ଯ୍ୟ, ଅଭିନେତ୍ରୀ ଭୂମିକା ଦାସ, ନର୍ସ ନିଶାମଣି ଦେବୀ, ମେଧାବୀ ଛାତ୍ରୀ ଗୁଗୁଲ ଗାର୍ଲ ମେଘାଳି ମାଳବିକା ସ୍ୱାଇଁ, ପୋଷ୍ଟ ମ୍ୟାନ ମିଟୁ ମହାରଣା, ଟ୍ରାଫିକ୍ କନଷ୍ଟେବଲ ଶୁଭ୍ରାଂଶୁ ଶେଖର ସାହୁ, କ୍ରୀଡା କ୍ଷେତ୍ରରେ ପ୍ରତ୍ୟୁଷ ରାୟ, ପରିମଳ କର୍ମଚାରୀ ରୋହିତ ନାୟକ,ସଂଗୀତ ନିର୍ଦ୍ଦେଶକ ମଳୟ ମିଶ୍ର ପ୍ରମୁଖ ୧୩ ଜଣଙ୍କୁ ରାଜଧାନୀ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସୂଚନା ଓ ଲୋକ ସଂପର୍କ ବିଭାଗ ସହକାରୀ ନିର୍ଦ୍ଦେଶିକା (କ୍ଷେତ୍ର ) ଶ୍ରୀମତୀ ସୂଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ରାଜଧାନୀ ପ୍ରତିଷ୍ଠା ଦିବସର ଉପ ସଭାପତି ଶ୍ରୀ ମହାଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । କମିଟି ତରଫରୁ ସାଂସ୍କୃତିକ ସଂପାଦକ ଶ୍ରୀ ଲକ୍ଷ୍ମୀ ନାରାୟଣ ଅଗ୍ରୱାଲ, ପ୍ରଭାସ ରଂଜନ ଦାସ, ହିମାଂଶୁ ଶେଖର ମହାନ୍ତି , ବିଶ୍ୱରଂଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସକାଳେ ସ୍ଥାନୀୟ ପି.ଏମ୍.ଜି ଛକଠାରେ ମାନ୍ୟବର ବାଚସ୍ପତି, ମାନ୍ୟବର ମନ୍ତ୍ରୀ ଶ୍ରୀ ଦାସ, ନିର୍ଦ୍ଦେଶକ ଶ୍ରୀ ମିଶ୍ର, ଖୋର୍ଦ୍ଧା ଜିଲ୍ଲାପାଳଙ୍କ ସମେତ ରାଜଧାନୀ ପ୍ରତିଷ୍ଠା ଦିବସର କର୍ମକର୍ତ୍ତା ଓ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି ରାଜଧାନୀ ପ୍ରତିଷ୍ଠା ଶିଳାନ୍ୟାସ ଫଳକରେ ପୁଷ୍ପଗୁଚ୍ଛ ଅର୍ପଣ କରିଥିଲେ ।

# ସିଆରପିଏଫ୍ କୋବ୍ରା ଯବାନ ଅମରେଶଙ୍କୁ ସୌର ଆୱାର୍ଡ



ଆନନ୍ଦପୁର (ପିଏନ୍): କେନ୍ଦ୍ରୀୟ ସୁରକ୍ଷା ବଳ ଏପ୍ରିଲ ୯ତାରିଖରେ ସୌର ଦିବସ ପାଳନ କରିଛି । ଦେଶର ସୁରକ୍ଷା ପାଇଁ ଜୀବନକୁ ବାଜି ଲଗାଇ ଦେଶମାତୃକାର ସେବା କରିଥିବା ୧୫ଜଣ ଯବାନଙ୍କୁ ଏହି ଅବସରରେ ନୂଆଦିଲ୍ଲୀସ୍ଥିତ ସିଆରପିଏଫ୍ ସେ[illegible]ଲ ହଲ୍ ଠାରେ ସମ୍ବର୍ଦ୍ଧିତ କରାଯାଇଛି । ସେମାନଙ୍କ ମଧ୍ୟରୁ ଓଡିଶାର ଅମରେଶ ଜେନାଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି । ଓଡିଆ ଯବାନ ଶ୍ରୀ ଜେନାଙ୍କୁ ସୌର ଆୱାର୍ଡ ଦିଆଯାଇଥିବା ସୂଚନା ମିଳିଛି । ସମ୍ମାନିତ ସିଆରପିଏଫ୍ ଯବାନଙ୍କ ଘର କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ସୁଆଁଳୋ ଗ୍ରାମରେ । ଶ୍ରୀ ଜେନା ଛତିଶଗଡ ବିଜାପୁର ଅଂଚଳର ପଦମପେଟା ଅଂଚଳରେ ୨୦୪ କୋବ୍ରା ବାହିନୀରେ କାର୍ଯ୍ୟରତ ଥାଇ ମାଓ ମୁକାବିଲାରେ ପ୍ରମୁଖ ଭୂମିକା ନିଭାଇଥିଲେ । ମାଓବାଦୀଙ୍କ ସହ ମୁହାଁମୁହିଁ ସଂଘର୍ଷରେ ଦୁଇ ମାଓବାଦୀଙ୍କୁ ମାରିବା ସହ ବହୁ ମାରଣାସ୍ତ୍ର ଜବତ କରିଥିଲେ । ଏଥିପାଇଁ ୨୦୧୯ ମସିହା ଗଣତନ୍ତ୍ର ଦିବସ ଅବସରରେ ରାଷ୍ଟ୍ରପତିଙ୍କଠାରୁ ସେ ପୋଲିସ୍ ପଦକ ହାସଲ କରିଥିଲେ ।

# ଆନନ୍ଦପୁର କୋର୍ଟରେ ରାଷ୍ଟ୍ରୀୟ ଲୋକଅଦାଲତ



ଆନନ୍ଦପୁର (ପିଏନ୍): ଆନନ୍ଦପୁର କୋର୍ଟରେ ୧୦ତାରିଖ ଶନିବାର ଦିନ ତାଲୁକ୍ ଆଇନ୍ ସେବା ସମିତି ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ତାଲୁକ ଆଇନ୍ ସେବା ସମିତିର ଅଧ୍ୟକ୍ଷ ରଂଜନ କୁମାର ସୁତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାକ୍ ମୋକଦ୍ଦମା ସ୍ତରୀୟ ୧୬୬ ଗୋଟି ମୋକଦ୍ଦମା ମଧ୍ୟରୁ ୭ ଗୋଟି ଫଇସଲା ହୋଇ ମୋଟ୍ ୬ ଲକ୍ଷ ୯୪ହଜାର ୧୮୮ଟଙ୍କା ପରିଶୋଧ ହୋଇଥିଲା । ସେହିପରି କୋର୍ଟ ସ୍ତରୀୟ ୨୪୬ ଗୋଟି ମୋକଦ୍ଦମା ମଧ୍ୟରୁ ୨୨ଗୋଟି ଫଇସଲା ହୋଇ ମୋଟ୍ ୫ ଲକ୍ଷ ୩୦ହଜାର ଟଙ୍କା ପରିଶୋଧ ହୋଇଥିଲା । ଆନନ୍ଦପୁର, ହାଟଡିହି ଓ ଘସିପୁରା କୋର୍ଟର ମୋକଦ୍ଦମା ଫଇସଲା ହୋଇଥିବା ବେଳେ ଆନନ୍ଦପୁର ସିନିୟର ଡିଭିଜନର ସିଭିଲ୍ ଜଜ୍ ଅଭୟ କୁମାର ଦାଶ, ଏଡିଜେଏମ୍ ରଶ୍ମିରେଖା ପାତ୍ର, ଜେଏମ୍ଏଫ୍‌ସି ସୁପ୍ରଭା କୁଣ୍ଡ, ପ୍ରବୀଣ କୁମାର ହୋତା, ଘଷିପୁରା ଗ୍ରାମ୍ୟ ନ୍ୟାୟାଳୟ ନ୍ୟାୟାଧିକାରୀ ମାନସୀ ପ୍ରଧାନ, ହାଟଡିହି ସିଭିଲ ଜଜ୍ ତଥା ଜେଏମଏଫସି ପ୍ରତୀମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ରାଷ୍ଟ୍ରୀୟ ଲୋକ ଅଦାଲତରେ ଆନନ୍ଦପୁରର ବିଭିନ୍ନ ବ୍ୟାଙ୍କର ଅଧିକାରୀ ମାନଙ୍କ ସହ ଆନନ୍ଦପୁର ଓକିଲ ସଂଘର ଆଇନଜୀବୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଶ୍ରୀବଲ୍ଲଭ ପାଣିଗ୍ରାହୀ ଓ ସୁନନ୍ଦା ପାଣିଗ୍ରାହୀ ଫାଉଣ୍ଡେସନ ଗଠନ




ଭୁବନେଶ୍ୱର (ପିଏନ୍)- ସ୍ୱର୍ଗତ ଶ୍ରୀବଲ୍ଲଭ ପାଣିଗ୍ରାହୀ କଂଗ୍ରେସରେ ଜଣେ ପ୍ରଖ୍ୟାତ ନେତା ମନ୍ତ୍ରୀ, ସାଂସଦ, ଟ୍ରେଡ ୟୁନିୟନ ନେତା ଏବଂ ଜଣେ ସୁଦକ୍ଷ ଯୁବ କ୍ୟାବିନେଟ ମନ୍ତ୍ରୀ ଭାବରେ ସେ ସମସ୍ତଙ୍କ ପାଇଁ ସ୍ମରଣୀୟ ହୋଇ ରହିଛନ୍ତି । ତାଙ୍କ ସମ୍ମାନର୍ଥେ ଏ ଜାତୀୟ ସମାଜ ପାଇଁ ଶ୍ରୀ ବଲ୍ଲଭ ଓ ସୁନନ୍ଦା ପାଣିଗ୍ରାହୀ ଗଠନ କରାଯାଇଛି । ଏହି ଅବସରରେ ଶ୍ରୀ ବଲ୍ଲଭ ପାଣିଗ୍ରାହୀଙ୍କ ସହପାଠୀ ତଥା ନିକଟତର ବନ୍ଧୁ ତଥା ୧୯୬୦ ମସିହାରୁ ତାଙ୍କ ପରିବାର ସହ ଜଡ଼ିତ ଥିବା ପିସିସି ସଭାପତି ଶ୍ରୀଯୁକ୍ତ ନିରଂଜନ ପଟ୍ଟନାୟକ ଯୋଗଦେଇ ଫାଉଣ୍ଡେସନର ଶୁଭଉନ୍ମୋଚନ କରିଛନ୍ତି । ଯେପରି ସମାଜର ମୂଲ୍ୟ ନିରାପତା ସହ ଏକ ଜନମଙ୍ଗଳ ରାଷ୍ଟ୍ରରେ ମୂଲ୍ୟବୋଧ ପ୍ରତିଷ୍ଠା କରିବା ପାଇଁ ୰ ଶ୍ରୀବଲ୍ଲଭ ପାଣିଗ୍ରାହୀ ଓ ୰ ସୁନନ୍ଦା ପାଣିଗ୍ରାହୀ ଲକ୍ଷ୍ୟ ଧ୍ୟେୟ ଓ ନିଷ୍ଠାର ସହ କାର୍ଯ୍ୟ କରିଆସୁଥିଲେ ସେହିପରି ଏହି ଫାଉଣ୍ଡେସନ କାର୍ଯ୍ୟକରିବ ବୋଲି ଆଶାପୋଷଣ କରି ଫାଉଣ୍ଡେସନର ଉତରୋତର କାମନା କରିଛନ୍ତି ଶ୍ରୀ ପଟ୍ଟନାୟକ । ଜନସାଧାରଣଙ୍କ ଜୀବନକୁ ଏକ ଲକ୍ଷ ଓ ଆଦର୍ଶରେ ପହଂଚାଇ ଏକ ଭଲ ଶାସନ ବ୍ୟବସ୍ଥା କିପରି ଅଣାଯାଇ ପାରିବ ଏବଂ ସାଧାରଣ ବର୍ଗର ଲୋକମାନେ ଯେଉଁମାନେ କି ଅର୍ଥନୈତିକ ଅନଗ୍ରସର ଏବଂ ସୁଖ ସୁବିଧାରୁ ବଂଚିତ ସେହିମାନଙ୍କୁ ସମାଜରେ ସ୍ଥାନ ଦେବା ପାଇଁ ଓ ସମାଜକୁ ଉତ୍‌ଥାନ କରିବା ସହ ଶିକ୍ଷା ମାଧ୍ୟମରେ ସମାଜର କିପରି ଉନ୍ନତି ହୋଇ ପାରିବ ସେଥିପାଇଁ ଚେଷ୍ଟା କରିବା କାର୍ଯ୍ୟ ଅତ୍ୟନ୍ତ ଉତମ ବୋଲି ଫାଉଣ୍ଡେସନର ପ୍ରଶଂସା କରିଥିଲେ ଶ୍ରୀ ପଟ୍ଟନାୟକ । ତାଙ୍କ ଶେଷନିଶ୍ୱାସ ପର୍ଯ୍ୟନ୍ତ ସେ ମଧ ସେହି ପ୍ରକାର ମୋର ବନ୍ଧୁ ରହିଆସିଥିଲେ । ସାମାଜିକ କ୍ଷେତ୍ରରେ ମାତ୍ର ୩୨ ବର୍ଷ ବୟସରେ ୧୯୭୩ ମସିହାରେ ଭାରତରେ ସର୍ବକନିଷ୍ଠ ମନ୍ତ୍ରୀ ଭାବରେ ଅନେକଗୁଡ଼ିଏ ଜନମଙ୍ଗଳ କାର୍ଯ୍ୟକରି ସୁନାମ ଅର୍ଜନ କରିଥିଲେ ଯାହାକି ଏବେବି ସ୍ମରଣୀୟ ହୋଇ ରହିଛି । ସ୍ୱର୍ଗତଃ ପାଣିଗ୍ରାହୀ ଜଣେ ନିଷ୍ଠାବାନ, ଦକ୍ଷ ପ୍ରଶାସକ ଏବଂ ସୁବକ୍ତା ଭାବରେ ସାରା ଭାରତରେ ପରିଚିତ ଥିଲେ । ୰ ପାଣିଗ୍ରାହୀଙ୍କ ଜ୍ୟେଷ୍ଠ ପୁତ୍ର ତଥା ପ୍ରଖ୍ୟାତ ଏନ୍‌ଆରଆଇ, ବୃତିଗତ ପରିଚାଳନା ଦକ୍ଷ ଶ୍ରୀ ପ୍ରିୟଦର୍ଶୀ ପାଣିଗ୍ରାହୀ ଏହି ଅନୁଷ୍ଠାନର ଲକ୍ଷ୍ୟ ଓ ଆଦର୍ଶ ସଂକ୍ରାନ୍ତରେ ସମ୍ୟକ ସୂଚନା ଦେଇ କହିଥିଲେ ଯେଉଁ ନିର୍ବାଚିତ ପ୍ରତିନିଧି ଆସୁଛନ୍ତି ସେମାନଙ୍କର ଉତମ ଦାୟିତ୍ୱ ନିର୍ବାହ କରିବା ପାଇଁ ସେମାନଙ୍କୁ କିଭଳି ଉତମ ତାଲିମ ମିଳିପାରିବ ଓ ଉତମ ଶାସନ ବ୍ୟବସ୍ଥାର ଉନ୍ନତି ଆସିପାରିବ ସେ ସଂକ୍ରାନ୍ତରେ କାର୍ଯ୍ୟକରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସେହିପରି ତାଙ୍କର କନିଷ୍ଠ ପୁତ୍ର ତଥା ବରିଷ୍ଠ ଅର୍ଥନୀତିକ ବୃତିଗତ ପରିଚାଳନାର ସଦସ୍ୟ ରାଜଶ୍ରୀ ପାଣିଗ୍ରାହୀ ଏ ସଂକ୍ରାନ୍ତରେ ସୂଚନା ଦେଇ ଏହାର ନୀତି କିଭଳି ପିତାମାତାଙ୍କ ଉପରେ ଅବଧାରିତ ରହିବା ପାଇଁ ଏହି ଫାଉଣ୍ଡସେନର ବଳିଷ୍ଠ ଭୂମିକା ନିର୍ବାହ କରିବ ଏବଂ ଏହାପରେ ଆଗାମୀ ପୀଢ଼ିମାନଙ୍କ ପାଇଁ କିଭଳି ପ୍ରେରଣାଦାୟୀ ହୋଇପାରିବେ ତାହା ଏହି ଫାଉଣ୍ଡେସନର ଲକ୍ଷ ଓ ଆଦର୍ଶ ବୋଲି ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାନସଭା ସଦସ୍ୟ ତଥା ଫାଉଣ୍ଡେସନର ସଦସ୍ୟ ସ୍ୱର୍ଗତଃ ପାଣିଗ୍ରାହୀଙ୍କ ଭଉଣୀ ରାସେଶ୍ୱରୀ ପାଣିଗ୍ରାହୀ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଯୋଗଦେଇ ୰ ଶ୍ରୀବଲ୍ଲଭ ପାଣିଗ୍ରାହୀ ଓ ସୁନନ୍ଦା ପାଣିଗ୍ରାହୀଙ୍କ ଜୀବନଚର୍ଯ୍ୟା ଉପରେ ଆଲୋକପାତ କରିଥିଲେ ।

# ସଦର ବ୍ଲକ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ସାମ୍ବିଧାନିକ ସମ୍ମିଳନୀ

କେନ୍ଦୁଝର (ପିଏନ୍): ସ୍ଥାନୀୟ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟଠାରେ କେନ୍ଦୁଝର ଜିଲ୍ଲା ସଦର ବ୍ଲକ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଓଷ୍ଟାର କାର୍ଯ୍ୟକାରୀ ସଭାପତି ତଥା ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାମ୍ବିଧାନିକ ସମ୍ମିଳନୀରେ ଜିଲ୍ଲା ଓଷ୍ଟାର ବରିଷ୍ଠ ଉପଦେଷ୍ଟା ରବୀନ୍ଦ୍ର କୁମାର ପଣ୍ଡା,ରାଜ୍ୟ ଓଷ୍ଟାର କାର୍ଯ୍ୟକାରୀ ସଭାପତି ଭିକାରୀ ଚରଣ ସାହୁ,ରାଜ୍ୟ ଓଷ୍ଟାର ସମ୍ପାଦକ କାହ୍ନୁଚରଣ ସାମଲ, ଜିଲ୍ଲା ଓଷ୍ଟାର ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ରାଉତ ଯୁଗ୍ମ ସମ୍ପାଦକ ଜ୍ଞାନେନ୍ଦ୍ର କୁମାର ଦେଓ,ପାଟଣା ବ୍ଲକର ନବନିର୍ବାଚିତ ସଭାପତି ସୁଧାକର ପଣ୍ଡା ପ୍ରମୁଖ ଅତିଥିମାନେ ଯୋଗଦେଇ ଶିକ୍ଷା, ଶିକ୍ଷକ ଏବଂ ଶିକ୍ଷାୟତନର ସମସ୍ୟା ସମ୍ପର୍କରେ ନିଜ ନିଜର ମତ ଉପସ୍ଥାପନା କରିଥିଲେ । ଶିକ୍ଷାର ବିକାଶ ଦିଗରେ ସଂଘର କାର୍ଯ୍ୟାବଳୀ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ । ପରିଶେଷରେ ଆଗାମୀ ତିନିବର୍ଷ ଲାଗି ସଂଘର କର୍ମକର୍ତ୍ତା ମନୋନୟନ କରାଯାଇଥିଲା । ସଭାପତି ଭାବେ ଲକ୍ଷ୍ମଣ ସାହୁ, ଉପସଭାପତି ଭାବେ ପ୍ରଦୀପ କୁମାର ବାରିକ, ଅହଲ୍ୟା ମହାନ୍ତ, ସମ୍ପାଦକ ଭାବେ ବସନ୍ତ କୁମାର କର, ଯୁଗ୍ମସମ୍ପାଦକ ଭାବେ ଲାଲମୋହନ ମହାନ୍ତ, ଅନନ୍ତ ଚରଣ ମହାନ୍ତ ଓ ସସ୍ମିତା ବିଶ୍ୱାଳ ପ୍ରମୁଖ ମନୋନୀତ ହୋଇଥିଲେ । ରାଜ୍ୟ କାର୍ଯ୍ୟକାରୀ ସଭାପତି ଭିକାରୀ ଚରଣ ସାହୁ ସମସ୍ତ ନିର୍ବାଚିତ ପଦାଧିକାରୀମାନଙ୍କୁ ଶପଥପାଠ କରାଇଥିଲେ । ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଅନେକ ଶିକ୍ଷକ, ଶିକ୍ଷାକର୍ମୀ ଯୋଗ ଦେଇ ସାମ୍ବିଧାନିକ ସମ୍ମିଳନୀକୁ ସଫଳ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ ଶିକ୍ଷା କର୍ମଚାରୀ ଏହାକୁ ସଫଳ କରିବାରେ ସହଯୋଗ କରିଥିଲେ । ପରିଶେଷରେ ନବନିର୍ବାଚିତ ସମ୍ପାଦକ ବସନ୍ତ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ ।

# ବର୍ଷିୟାନ ସାମ୍ବାଦିକ ଶ୍ୟାମ୍ ଖୋସଲାଙ୍କ ପରଲୋକ



ବ୍ରହ୍ମପୁର (ପିଏନ୍): ବର୍ଷିୟାନ ସାମ୍ବାଦିକ, ଜାତୀୟ ସାମ୍ବାଦିକ ୟୁନିଅନର ପ୍ରତିଷ୍ଠାତା ସଦସ୍ୟ, ଇଣ୍ଡିଆନ ମିଡିଆ ସେଣ୍ଟର ଓ ପଞ୍ଚଦ୍ ଗବେଷଣା ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ନିର୍ଦ୍ଦେଶକ, ବିଶିଷ୍ଟ ଶ୍ରମିକ ନେତା, ପ୍ରେସ୍ କାଉନସିଲର ପୂର୍ବତନ ସଦସ୍ୟ ଶ୍ୟାମ ଖୋସ୍‌ଲାଙ୍କ ମଙ୍ଗଳବାର ରାତ୍ର ଦିଲ୍ଲୀ ସୁରଜ ମଲ୍ ବିହାର ବାସଭବନ ଠାରେ ୮୮ ବର୍ଷ ବୟସରେ ପରଲୋକ ହୋଇଯାଇଛି । ଦୀର୍ଘବର୍ଷ ଧରି ସେ ଅସୁସ୍ଥ ଥିଲେ । ମୃତ୍ୟୁ ବେଳକୁ ତାଙ୍କର ଦୁଇ କନ୍ୟା, ଜାମାତା, ପରିବାର ସଦସ୍ୟ ଓ ବହୁ ସାମ୍ବାଦିକ ଉପସ୍ଥିତ ଥିଲେ । ସ୍ୱର୍ଗତ ଖୋସଲାଙ୍କ ଜ୍ୟେଷ୍ଠ କନ୍ୟା ସୁମେଧା ଭରଦ୍ୱାଜ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି । ଭାରତୀୟ ସାମ୍ବାଦିକ ଜଗତରେ ସେ ଜଣେ ଉଜ୍ଜ୍ୱଳତମ ନକ୍ଷତ୍ର ଥିଲେ । ଚଣ୍ଡିଗଡ଼, ଦିଲ୍ଲୀରେ ଇଂରାଜୀ ପତ୍ରିକା ଇଣ୍ଡିଆନ ଏକ୍ସପ୍ରେସରେ ଦୀର୍ଘଦିନ ଧରି ସାମ୍ବାଦିକତା କରିଥିଲେ । ୧୯୭୫ ଜରୁରୀକାଳିନ ପରିସ୍ଥିତି ବେଳେ ଗିରଫ ହୋଇ ୧୯ ମାସ କାରାବରଣ କରିଥିଲେ । ବିଭିନ୍ନ ଓ୍ୱେଜ ବୋର୍ଡର ସଦସ୍ୟ ଭାବେ କାର୍ଯ୍ୟ କରି ସାମ୍ବାଦିକମାନଙ୍କ ସୁରକ୍ଷା ଓ ଅଧିକାରକୁ ସାବ୍ୟସ୍ତ କରିବାରେ ଧୁରନ୍ଧର ଥିଲେ । ଜାତୀୟ ସାମ୍ବାଦିକ ୟୁନିଅନର ସଭାପତି ଭାବେ କାର୍ଯ୍ୟ କରି ସଂଗଠନକୁ ବେଶ କ୍ରିୟାଶୀଳ କରାଇପାରିଥିଲେ । ତାଙ୍କ ବିୟୋଗରେ କେନ୍ଦ୍ର ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରକାଶ ଜାଭେଦକର, ପୂର୍ବତନ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର, ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ରାମ ଠାକୁର, ପାଓନିୟରର ସମ୍ପାଦକ ଚନ୍ଦନ ମିତ୍ର, ଇଣ୍ଡିଆନ ମାସ୍ କମ୍ୟୁନିକେସନର ମୁଖ୍ୟ କେ.ଜି. ସୁରେଶ, ଜାତୀୟ ସାମ୍ବାଦିକ ୟୁନିଅନର ପୂର୍ବତନ ସଭାପତି ରବି ରଥ, ଜାତୀୟ ସାମ୍ବାଦିକ ସଂଘର କର୍ମକର୍ତ୍ତାଙ୍କ ସହିତ ପ୍ରମୁଖ ଭାରତବର୍ଷର ବିଭିନ୍ନ ସଂଗଠନ ଗଭୀର ଶୋକ ପ୍ରକାଶ କରିବା ସହ ସ୍ୱର୍ଗତ ଆତ୍ମାର ସଦଗତି କାମନା କରି ସାମ୍ବାଦିକତା ଜଗତରେ ଏକ ଶୂନ୍ୟ ସ୍ଥାନ ସୃଷ୍ଟି କଲା ବୋଲି ପ୍ରକାଶ କରିଥିଲେ ।

# ଅସବର୍ଣ୍ଣଙ୍କୁ ବିବାହ କରିଥିବାରୁ ମହିଳା ଓ ତାଙ୍କ ନାବାଳିକା ଝିଅଙ୍କୁ ଅସଦ୍ ବ୍ୟବହାର ଅଭିଯୋଗ



କେନ୍ଦ୍ରାପଡା (ପିଏନ୍): ଜନୈକ ସବର୍ଣ୍ଣ ମହିଳା ଅସବର୍ଣ୍ଣଙ୍କୁ ବିବାହ କରିଥିବାରୁ ସେହି ମହିଳା ଓ ତାଙ୍କ ନାବାଳିକା ଝିଅଙ୍କୁ ଅସଦ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି । କେନ୍ଦ୍ରାପଡା ଜିଲ୍ଲାର ରାଜକନିକା ଥାନା ଅନ୍ତର୍ଗତ ଶିଶୁଆ ଗ୍ରାମର ଦିଲିପ ଦାସଙ୍କ ପତ୍ନୀ ତିଲୋତ୍ତମା ଦାସ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ଗତ ଫେବୃୟାରୀ ମାସ ୨୧ତାରିଖରେ ତାଙ୍କ ସ୍ୱାମୀ ପଠାଇଥିବା ଟଙ୍କା ଆଣିବାକୁ ତାଙ୍କ ଦୁଇ ନାବାଳିକା ଝିଅଙ୍କୁ ବର୍ଣ୍ଣନୀ ଛକକୁ ପଠାଇଥିବା ବେଳେ ସେହି ଗ୍ରାମର ଧବଳେଶ୍ୱର ସ୍ୱାଇଁ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲେ । ଝିଅ ଦୁଇଜଣ ଫୋନରେ ଜଣାଇବାରେ ତିଲୋତ୍ତମା ଘଟଣାସ୍ଥଳରେ ପହଁଚିବାରେ ସଂପୃକ୍ତ ବ୍ୟକ୍ତି ଜଣକ ଉଭୟ ତିଲୋତ୍ତମା ଏବଂ ତାଙ୍କ ଦୁଇ ନାବାଳିକା ଝିଅଙ୍କୁ ଅସଦ୍ ବ୍ୟବହାର କରିଥିବା ତିଲୋତ୍ତମା ରାଜକନିକା ଥାନାରେ ଅଭିଯୋଗ କରିଥିଲେ । କିନ୍ତୁ ରାଜକନିକା ଥାନା ପୋଲିସ ଥାନା କେଶ ନମ୍ବର ୬୬/୨୧ରେ ଆଇପିସିର ଦଫା ୩୪୧,୨୯୪, ୩୨୩,୪୨୭, ୩୫୪(ଖ),୫୦୬ ଓ ୩(ସି)(ବ)(ଆର)(ଏସ)(୨ଭିଏ) ଏସସି/ଏସଟି(ପିଏ) ଆକ୍ଟରେ ମାମଲା ରୁଜୁ କରିଦେଇ ହାତବାନ୍ଧି ବସିଯାଇଥିବା ଅଭିଯୋଗ ହୋଇଛି । ତେଣୁ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ତିଲୋତ୍ତମା ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

# ପାନୀୟ ଜଳଯୋଗାଣ ପ୍ରକଳ୍ପ କରାଯିବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମପଞ୍ଚାୟତର ସନ୍ୟାସପୁର, ବରହମପୁର ଓ ମାନପାଟଣା ଗ୍ରାମର ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ପାନୀୟ ଜଳ ଯୋଗାଣ ଓ ପରିମଳ ଡିଭିଜନ ପକ୍ଷରୁ ସବୁ ଗ୍ରାମ ଗୁଡିକର ମଧ୍ୟସ୍ଥଳୀ ମାନପାଟଣା ଗ୍ରାମର ହନୁମାନ ମନ୍ଦିର ନିକଟରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପଟି ହେବାକୁ ସ୍ଥିର କରାଯାଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ କାହାକୁ କିଛି ନଜଣାଇ ସେହି ପ୍ରକଳ୍ପଟି କହ୍ନେଇପୁର ଗ୍ରାମରେ କରାଯିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ସମ୍ପର୍କରେ ଅଭିଯୋଗକାରୀମାନେ ଜାଣିବାକୁ ପାଇଲେ । କହ୍ନେଇପୁର ଗ୍ରାମରୁ ବରହମପୁର ଗ୍ରାମ ପ୍ରାୟ ୨କିଲୋମିଟର ଦୂର । ଏତଦବ୍ୟତିତ ସନ୍ୟାସପୁର, ବରହମପୁର ଓ ମାନପାଟଣା ଭଳି ୩ଟି ଗ୍ରାମର ଜନସଂଖ୍ୟା ଏକହଜାର ୫ଶହ ହୋଇଥିବା ବେଳେ କହ୍ନେଇପୁର ଗ୍ରାମର ଲୋକସଂଖ୍ୟା ମାତ୍ର ୪ଶହ । ଏପରିସ୍ଥଳେ ପ୍ରଥମେ ସ୍ଥିର କରାଯାଇଥିବା ପ୍ରକଳ୍ପ ସ୍ଥାନକୁ ୩ଟି ଗ୍ରାମର ଗ୍ରାମବାସୀଙ୍କ ଅଗୋଚରରେ ବଦଳାଯାଇ ୨କିମି ଦୂରରେ ପ୍ରକଳ୍ପଟି କରାଗଲେ ସେହି ୩ଟି ଗ୍ରାମର ୧୫ଶହ ଲୋକ ପାନୀୟ ଜଳ ପାଇବାରୁ ବଞ୍ଚିତ ହେବେ ବୋଲି ଅଭିଯୋଗ ହୋଇଛି । ତେଣୁ ସେହି ପ୍ରକଳ୍ପଟି ୩ଟି ଗ୍ରାମର ମଧ୍ୟସ୍ଥଳି ମାନପାଟଣା ହନୁମାନ ମନ୍ଦିର ନିକଟରେ କରାଯିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# ଅଗ୍ନିକାଣ୍ଡରେ ୧୦ବଖରା ଘର ଜଳିଗଲା



ହାଟଡିହି: ହାଟଡିହି ବ୍ଲକ ଆମ୍ବୋ ପଂଚାୟତରେ ଗୁରୁବାର ଅଗ୍ନିକାଣ୍ଡ ଘଟି ୧୦ ବଖରା ଘର ଜଳି ଯାଇଛି । ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡିନି । ଅଗ୍ନିକାଣ୍ଡରେ ଧାନ, ଚାଉଳ, ପୋଷାକ, ଆସବାବପତ୍ର ସବୁ ପୋଡି ପାଉଁଶ ହୋଇଯାଇଛି । ନିଆଁ ଲାଗି ଏକ ବାଇକ୍ ବିସ୍ଫୋରଣ ମଧ ହୋଇଥିଲା । ରାସ ବିହାରୀ ପଟ୍ଟନାୟକଙ୍କ ଘରୁ ନିଆଁ ଲାଗି ଗ୍ରାମର ପ୍ରଭାସ ପଟ୍ଟନାୟକ, ଶରତ ପାତ୍ରଙ୍କ ଘରେ ନିଆଁ ଲାଗିଥିଲା । ସ୍ଥାନୀୟ ଲୋକେ ଓ ହାଟଡିହି ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଥିଲେ ।

## ମୋ ସ୍କୁଲ ଅଭିଯାନ ବୈଠକ

ଭଦ୍ରକ:ଏହି ବ୍ଲକ ଅନ୍ତର୍ଗତ ନେରଡା ପଂଚାୟତର ଆଖୁଆପଦା ଉପ୍ରା ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ବୈଠକ ପ୍ରଧାନଶିକ୍ଷକ ପୁରୁଷୋତମ ଧଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିକ୍ଷା ସଂଯୋଜକ ପୁଷ୍ପକ ଚନ୍ଦ୍ର ଭାରତୀ, ସମାଜସେବୀ ଶରତ ଜେନା, ଚେୟାରମ୍ୟାନ ଜଗବନ୍ଧୁ ମହାପାତ୍ର, ଶଶିକାନ୍ତ ଜେନା, ମଧୁସୂଦନ ବାରିକ, ସନ୍ତୋଷ ଜେନା, କାହ୍ନୁଚରଣ ଜେନା, ନରେନ୍ଦ୍ର ମଲ୍ଲିକ, କେଶବ ପରିଡା, ଶିବପ୍ରସାଦ ଦାସ, ସ୍ମୃତିରଞ୍ଜନ ଜେନା, ସୂର୍ଯ୍ୟମଣି ପୃଷ୍ଟି, ଧନେଶ୍ୱର ସାହୁ, ଦିପ୍ତିପ୍ରଭା ବେହୁରିଆ, ଗାୟତ୍ରୀ ସାହୁ ପ୍ରମୁଖ ଯୋଗଦେଇ ମୋ ସ୍କୁଲ ଅଭିଯାନ ମାଧ୍ୟମରେ ବିଦ୍ୟାଳୟର ପାରିପାର୍ଶ୍ୱିକ ବିକାଶରେ ସାମିଲ ହେବାକୁ ପୁରାତନ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଶିକ୍ଷକ ବିଭୁତି ମହାନ୍ତି ଧନ୍ୟବାଦ ଦେଇଥିଲେ ।

# ଇଞ୍ଜୋଳ ବିକାଶ ମଞ୍ଚ ପକ୍ଷରୁ ନିର୍ମଳ ନୀର ଜଳଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ

ହାଟଡିହି: ବଢୁଛି ତାତି, ଅସ୍ତବ୍ୟସ୍ତ ହେଲାଣି ଜନଜୀବନ । ଗାଁ ରୁ ସହର ଯାଏଁ ଦେଖା ଦେଲାଣି ଅଂଶୁଘାତର ଭୟ । ଏହାକୁ ଦୃଷ୍ଟିରେ ରଖି କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଇଞ୍ଜୋଳ ବିକାଶ ମଂଚ ତରଫରୁ ପବିତ୍ର ମହାବିଷୁବ ପଣା ସଂକ୍ରାନ୍ତି ଅବସରରେ ନିର୍ମଳ ନୀର ଜଳଛତ୍ର କେନ୍ଦ୍ର ଆରମ୍ଭ କରାଯାଇଛି । ସ୍ଥାନୀୟ ଇଞ୍ଜୋଳ ଆମ୍ବଧାଡି କେନାଲ ପୋଲ ନିକଟରେ ଏହା ଉଦ୍‌ଘାଟିତ ହୋଇଛି । ଇଞ୍ଜୋଳ ବିକାଶ ମଂଚର ପ୍ରମୁଖ ପ୍ରଚାରକ ତଥା ଜ୍ୟୋତିର୍ବିଦ୍ ଅନାଦି ଚରଣ ମହାରଣା ଏହାକୁ ଆନୁଷ୍ଠନିକ ଭାବେ ଫିତା କାଟି ଉଦ୍‌ଘାଟନ କରିଥିଲେ । ମୁରଲୀଧର ବେହେରା, ଶ୍ରୀକାନ୍ତ ରାଉତ, ଧନେଶ୍ୱର ରାଉତ, ବିଶ୍ୱପ୍ରତାପ ଯେନା, ଉଷାରାଣୀ ଶଙ୍ଖୁଆ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଜଳଛତ୍ର ଦ୍ୱାରା ମରେଇଗାଁ-ବଳିପୁର ବାରିକମିଶ୍ରୀ ବନ୍ଧ ଦେଇ ଯାତାୟତ କରଥିବା ଶହ ଶହ ସାଧାରଣ ଲୋକ ଓ ଯାତ୍ରୀମାନେ ପାନୀୟ ଜଳର ସୁବିଧା ପାଇପାରିବେ ବୋଲି ଇଞ୍ଜୋଳ ବିକାଶ ମଂଚ ପକ୍ଷରୁ କୁହାଯାଇଛି । ଉମାକାନ୍ତ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି ନିର୍ମଳ ନୀର ଜଳଦାନ କାର୍ଯ୍ୟକ୍ରମରେ ପ୍ରଶାନ୍ତ ନାୟକ, ସାଇବ ପଣ୍ଡା, ରାଜକୁମାର ଯେନା, ଶିବସୁନ୍ଦର ଯେନା, ରାଜେନ୍ଦ୍ର ସେଠୀ, ସନ୍ତୋଷ ପଣ୍ଡା, ତପନ ଯେନାଙ୍କ ସମେତ ଅନ୍ୟ ସଦସ୍ୟମାନେ ଯୋଗଦାନ କରିଥିଲେ । ଆଗାମୀ ୧ ସପ୍ତାହ ବ୍ୟାପି ଏହି ଜଳଦାନ କାର୍ଯ୍ୟକ୍ରମ ଜାରି ରହିବ । ପଥିକ ମାନଙ୍କୁ ମଂଚ ତରଫରୁ ପ୍ରଥମ ଦିନରେ ବେଲପଣା, ଦ୍ୱିତୀୟ ଦିନରେ ଓଆରଏସ୍ ଦ୍ରବଣ, ତୃତୀୟ ଦିନରେ ସମିଶ୍ରିତ ଫଳ ପଣା, ଚତୁର୍ଥ ଦିନରେ ଦହି ପାଣି, ପଞ୍ଚମ ଦିନରେ ଲେମ୍ବୁ ପାଣି, ଷଷ୍ଠ ଦିନରେ ପୋଦିନା, ଭୃଙ୍ଗଙ୍ଗ ପାଣି ଓ ସପ୍ତମ ଦିନ ତଥା ଶେଷ ଦିନରେ ସାଦା ପାଣି ଏଭଳି ବ୍ୟବସ୍ଥା କରାଯାଇଛି ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି । ଏଭଳି ନିଆରା କାର୍ଯ୍ୟକ୍ରମକୁ ଗ୍ରାମର ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି ।

# ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୫୪୮ କୁ ବୃଦ୍ଧି

## ୨ ପୋଲିସ କର୍ମଚାରୀଙ୍କ ସମେତ ୫ କରୋନା ଯୋଦ୍ଧା ସଂକ୍ରମିତ

କନ୍ଧମାଳ, (ପିଏନ)- କନ୍ଧମାଳ ଜିଲ୍ଲାରେ ଆଜି ଫୁଲବାଣୀ ଟାଉନ ଥାନାର ଦୁଇଜଣ ପୁଲିସ କର୍ମଚାରୀଙ୍କୁ ମିଶାଇ ମୋଟ ୫ ଜଣ କରୋନା ଯୋଦ୍ଧାଙ୍କ ସମେତ ମୋଟ ୫୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏଥିସହ ଜିଲ୍ଲାରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪,୫୪୮ରେ ପହଂଚିଛି । ଏହି ସମସ୍ତ ଆକ୍ରାନ୍ତ ମାନଙ୍କ ମଧ୍ୟରୁ ଆଜି ସୁଦ୍ଧା ୩,୮୭୮ ଜଣ ସଂକ୍ରମିତ ସୁସ୍ଥ ହୋଇ ସେମାନଙ୍କ ଘରକୁ ଫେରିଛନ୍ତି । କରୋନା ଜନିତ ମୃତ୍ୟୁ ସଂଖ୍ୟା ଜିଲ୍ଲାରେ ୨୩ ରହିଛି ଆଉ ୬୪୭ ଜଣ ସଂକ୍ରମିତ ବିଭିନ୍ନ କୋଭିଡ ହସପିଟାଲରେ ରହି ଚିକିତ୍ସିତ ହେଉଛନ୍ତି । ଆଜିର ସଂକ୍ରମିତଙ୍କ ମଧ୍ୟରୁ ଜିଲ୍ଲାର ଫୁଲବାଣୀ ପୌରାଂଚଳରେ ୧୫ ଜଣ ଏବଂ ଗ୍ରାମାଂଚଳରେ ୨ଜଣ ଚିହ୍ନଟ ହୋଇଚନ୍ତି । ସେହିପରରି ବାଲିଗୁଡାର ବିଜ୍ଞାପିତ ଅଂଚଳରେ ୩ ଜଣ ଓ ଗ୍ରାମାଂଚଳରେ ୪ ଜଣ ଲେଖାଏଁ ଚିହ୍ନଟ ହୋଇଛନ୍ତି । ଜିଲ୍ଲାର ଘୁ.ଉଦୟଗିରିରେ ୨,ଚକାପାଦରେ ୫,ଦାରିଙ୍ଗବାଡିରେ ୪,କ.ନୁଆଗାଁରେ ୩,ଖଜୁରିପଡାରେ ୫,କୋଟଗଡରେ ୩,ଫିରିଙ୍ଗିଆ ୨,ରାଇକିଆ ୫,ଟିକାବାଲିରେ ୧, ତୁମୁଡିବନ୍ଧ ଅଂଚଳରୁ ୪ ଜଣ ଥିବାବେଳେ ଅନ୍ୟାନ୍ୟ ଅଂଚଂଳରୁ ଜଣେ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବା ନେଇ ଜିଲ୍ଲା ପ୍ରଶାସନ ସୂତ୍ରରୁ ଜଣାପଡିଛି । ତେବେ କରୋନା ସଂକ୍ରମଣ ଧିରେଧିରେ ବଢିବାରେ ଲାଗିଥିବାରୁ ଲୋକଙ୍କୁ ଘରୁ ନ ବାହାରିବାକୁ ପ୍ରଶାସନ ତରଫରୁ କୁହାଯାଇଛି । ଅତି ଆବଶ୍ୟକ ହେଲେ ଘରୁ ବାହାରିବାବେଳେ ମୁହଁରେ ମାସ୍କ ପିନ୍ଧିବା ସହିତ ସାମାଜିକ ଦୁରତା ବଜାୟ ରଖି ଯାତାୟାତ କରିବା ସହିତ କୋଭିଡ ନିୟମ ମାନି ଚଳିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି ।

## ଚିକିତ୍ସାଧିନ ଅବସ୍ଥାରେ ସରପଞ୍ଚଙ୍କ ମୃତ୍ୟୁ

ହାଟଡିହି: କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଢେଙ୍କା ପଂଚାୟତର ସରପଂଚ ନିମାଇଁ ସାମଲ ଚିକିତ୍ସାଧିନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି । ସେ କିଛିଦିନ ହେବ ଅସୁସ୍ଥ ହୋଇ ଭୁବନେଶ୍ୱରରେ ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ । ତାଙ୍କ ମର ଶରୀରକୁ ଗ୍ରାମକୁ ଅଣାଯାଇ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଠାରୁ ଗ୍ରାମ ପରିକ୍ରମା କରି ଗାଁ ମଶାଣିରେ ଶବ ଶତ୍କାର କରାଯାଇଥିଲା ।

## ନୂଆଗାଁରେ ୧୩୦ତମ ଆମ୍ବେଦକର ଜୟନ୍ତୀ ପାଳନ

ଆନନ୍ଦପୁର: ଘଷିପୁରା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପଂଚାୟତର ନୂଆଗାଁରେ ଆଜି ଭାରତରତ୍ନ ତଥା ସମ୍ବିଧାନ ପ୍ରଣେତା ଡଃ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଉମାକାନ୍ତ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆମ୍ବେଦକରଙ୍କ ୧୩୦ତମ ଜୟନ୍ତୀ ପାଳନ ଉତ୍ସବରେ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଜେନା, ସତ୍ୟବ୍ରତ ଜେନା, ଭୈରବ ଜେନା, ବିରଞ୍ଚି ଜେନା ପ୍ରମୁଖଙ୍କ ସହ ଗ୍ରାମର ସମସ୍ତ ଗ୍ରାମବାସୀ ଡଃ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

# ମିଳୁନି ବାର୍ଦ୍ଧକ୍ୟ ଭତ୍ତା କି ମିଳୁନି ଚାଉଳ, କଷ୍ଟରେ ବିତୁଛି ଜୀବନ, ଅଧିକାରୀ କହୁଛନ୍ତି ବୟସ ହୋଇନି

ଝୁମ୍ପୁରା: ଥଙ୍ଗ ଥଙ୍ଗ ହୋଇ ଅଶା ବାଡି ଭରଷାରେ ଚାଲିଛି ଜୀବନ । ସ୍ୱାମୀ ର ବୟସ ୭୨ ଏବଂ ସ୍ତ୍ରୀ ର ବୟସ ୬୮ ଚୁଇଁଲାଣି ତଥାପି ସେମାନଙ୍କୁ ମିଳୁନି ବାର୍ଦ୍ଧକ୍ୟ ଭତା କିମ୍ବା ସରକାରୀ ଚାଉଳ । ଗୁହାରୀ କଲେ ଅଧିକାରୀ କହୁଛନ୍ତି ଭତା ପାଇବା ପାଇଁ ତୁମର ବୟସ ହୋଇନାହିଁ । ମୁଣ୍ଡ,କାନ ଆଉଁଷି ଅତି ଦୁଃଖ କଷ୍ଟରେ ଦିନ କାଟୁଛନ୍ତି ବୃଦ୍ଧ ଦମ୍ପତି । ସତରେ ଏଠି ପଚାଂୟତ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ଭତା ଓ ଚାଉଳ ରୁ ବଚିଂନ୍ତ ଆଦିବାସୀ ଦମ୍ପତି ଗୁମୁରୀ ଗୁମୁରୀ କାନ୍ଦୁଛନ୍ତି । ଏଭଳି ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି- କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଅର୍ନ୍ତଗତ ଗୁମୁରା ଗ୍ରାମପଚାଂୟତ ଟୋଳକବାହାଳ ଗ୍ରାମର ମୁଣ୍ଡା ସାହିରେ । ସୂଚନା ମୁତାବକ ଗୁମୁରା ପଚାଂୟତ ଟୋଳକବାହାଳ ମୁଣ୍ଡା ସାହିରେ ଶଗଡ ମୁଣ୍ଡା (୭୨ବର୍ଷ) ସ୍ତ୍ରୀ ଜଙ୍ଗା ଦେଇ (୬୮ବର୍ଷ) ଏବଂ ପୁଅ ରାକେଶ ମୁଣ୍ଡା,ପୁଅ ବୋହୂ ପଦ୍ମିନି ମୁଣ୍ଡା ଓ ୩ବର୍ଷର ନାତି କୁ ନେଇ ୫ ପ୍ରାଣୀକୁଟୁମ୍ବ ରହୁଛନ୍ତି । ଦୁଃଖ ଓ ପରିତାପର ବିଷୟ ଶଗଡ ମୁଣ୍ଡାର ପରିବାର ସରକାରୀ ସୁବିଧାରୁ ବଚିଂନ୍ତ । ସେମାନଙ୍କୁ ମିଳୁନି ପିଡିଏସ୍ ସାମଗ୍ରୀ କିମ୍ବା ମିଳୁଣି ବାର୍ଦ୍ଧକ୍ୟ ଭତା । ପୁଅ ରାକେଶ ମୂଳ ମଜୁରୀ କରି ଚଳାଉଛନ୍ତି ପରିବାର କୁ । ସେମାନଙ୍କୁ ଦୁଇ ଓଳି ଦୁଇମୁଠା ମିଳୁନି ପେଟପୁରା ଖାଦ୍ୟ । ପେଜ ତୋରାଣୀ ପିଇ ଜୀବନ ଯାପନ କରୁଥିବା କଥା କହୁଥିବା ବେଳ ଶଗଡ ମୁଣ୍ଡାର ଆଖିରୁ ଲୁହ ଝରି ପଡୁଥିଲା । ପୁଅ ରାକେଶ ର ଦେହ ଅସୁସ୍ଥ ହେଲେ ପରିବାର ଉପାସରେ । ବାବୁ ଟିକେ ଔଷଧ ପାଇଁ ଆମଙ୍କୁ ମିଳୁନି ପଇସା । କି ପାପ କରିଛୁ ଯେ ମୋ ପରିବାରକୁ ସରକାରୀ ଚାଉଳ ରୁ ବଚିଂନ୍ତ କରାଯାଇଛି । ପଚାଂୟତର ବାବୁ ମାନଙ୍କୁ ମୋର ରାସନ କାର୍ଡ ଓ ଭତା କରିବାକୁ ବହୁତ ଥର ଗୁହାରୀ କରିଛି ବହୁତ ନେହୁରା ହୋଇଛି । କିନ୍ତୁ କେହି ମୋର କଥା ଶୁଣୁନାହାନ୍ତି ବରଂ କହୁଛନ୍ତି ଭତା ପାଇଁ ତୁମର ବୟସ ହୋଇ ନାହିଁ । ଏନେଇ ଗୁମୁରା ପଚାଂୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଟଙ୍କଧର ମହାନ୍ତଙ୍କ ମତାମତ ଲୋଡିବାରୁ ସମସ୍ତ ଘଟଣାକୁ ଏଡାଇ ଯାଇ ମୋ ପାଖରେ ଖବର ନାହିଁ । କାଲି କି ବୁଝିବା କଣ ହୋଇଛି ବୋଲି କହିଲେ । ଏନେଇ ସ୍ଥାନୀୟ ବିଡିଓ ବିଜୟ କୁମାର ନାୟକଙ୍କୁ ପଚାରିବାରୁ କହିଲେ ତଦନ୍ତ କରି ତୁରନ୍ତ ପଦକ୍ଷେପ ନିଆଯିବ ।

# ହାଟଡିହୀରେ ମୋ ସେବା କେନ୍ଦ୍ର ଉଦ୍‌ଘାଟିତ

ହାଟଡିହି: କେନ୍ଦୁଝର ଜିଲ୍ଲା ହାଟଡିହୀ ଠାରେ ଓଡିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ମୋ ସେବା କେନ୍ଦ୍ର ଉଦ୍‌ଘାଟିତ । ହାଟଡିହୀ ସରପଂଚ ଅନୁସୁୟା ସେଠୀ ଉକ୍ତ ସେବା କେନ୍ଦ୍ରକୁ ଫିତା କାଟି ଉଦ୍ ଘାଟନ କରିଥିଲା ବେଳେ ଜୟ ଦୁର୍ଗା ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷା ଡକ୍ଟର ସୁରେଶ୍ୱରୀ ସାଗରିକା ଜେନା ନଡିଆ ପିଟି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ସେବା କେନ୍ଦ୍ରର ପରିଚାଳକ ବିଜୟ କୁମାର ଜେନା ମୋ ସେବା କେନ୍ଦ୍ରରେ ମିଳୁଥିବା ସୁବିଧା ସୁଯୋଗ ସଂପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସୂଚନା ଦେଇଥିଲେ । ସରକାରଙ୍କର ଏପରି ଜନହିତକାର କାର୍ଯ୍ୟକୁ ସରପଂଚ ଶ୍ରୀମତୀ ସେଠୀ ଭୂୟସୀ ପ୍ରଶଂସା କରିଥିଲେ । ସରକାରୀ ସୁବିଧାରୁ ବଂଚିତ ଅବହେଳିତ ଲୋକମାନେ ଏହି ମୋ ସେବା କେନ୍ଦ୍ର ମାଧ୍ୟମରେ ନିଜର ଆବଶ୍ୟକତା ସଂପର୍କରେ ସରକାରଙ୍କୁ ଅବଗତ କରାଇବା ସହିତ ବିଭିନ୍ନ ଯୋଜନାରେ ଆବେଦନ ମଧ୍ୟ କରିପାରିବେ । ସେମାନଙ୍କୁ ଅଯଥାରେ ବାରମ୍ବାର ଅଫିସ ଯିବାକୁ ଆଉ ପଡିବନି । ଜୟଦୁର୍ଗା ଫାଉଣ୍ଡେସନର ଅଧ୍ୟକ୍ଷା ଡକ୍ଟର ସୁରେଶ୍ୱରୀ ସାଗରିକା ଜେନା ମୋ ସେବା କେନ୍ଦ୍ରର ଉତରୋତର ଉନ୍ନତି କମନା କରିଥିଲେ । ମୋ ସେବା କେନ୍ଦ୍ରର ପ୍ରୋପାଇଟର ବିଜୟ କୁମାର ଜେନା ଅତିଥି ମାନଙ୍କୁ ସ୍ୱାଗତ କରିଥିଲାବେଳେ ବୈକୁଣ୍ଠ ନାଥ ଯୁବପରିଷଦର ସକ୍ରୀୟ ସଭ୍ୟ ସୁନୀଲ କୁମାର ନାୟକ ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶୁଭ ଚିନ୍ତକ ଛତିଶ କୁମାର ଯାଦବ,ଅନନ୍ତ ଚରଣ ପହୀ,ବିଭୂତି ଭୂଷଣ ଜେନା, ପଙ୍କଜ ସାବତ, ତପନ କୁମାର ପହୀ, ଦେବାଶିଷ ବାରିକ, ବିପିନ ଓଝା, କହ୍ନେଇ ଚରଣ ଓଝା, ବ୍ରଜକିଶୋର ସେଠୀ, ଗୁରୁପ୍ରସାଦ ଜେନା, ଶୁଭମ ଶାଶ୍ୱତ ଜେନା, ଭଗବାନ ସେଠୀ, ମାହେଶ୍ୱରୀ ମୋନାଲିକା ଜେନା, ରେଣୁବାଳା ଜେନା, ଗତି କୃଷ୍ଣ ପହୀ, ଦେବ ନାରାୟନ ଦାଶ, ପ୍ରଫୁଲ୍ଲ ଚକ୍ର, ପ୍ରଫୁଲ୍ଲ କୁମାର ଜେନା, କାହ୍ନୁ ଚରଣ ମୁଖୀ, କୈଳାଶ ପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ବୈକୁଣ୍ଠ ନାଥ ଯୁବପରିଷଦର ସଦସ୍ୟମାନେ ଉକ୍ତ ଉଦ୍‌ଘାଟନି ଉତ୍ସବଟିକୁ ପରିଚାଳନା କରିଥିଲେ ।

# ଅଭାବ ଅନାଟନକୁ କେନ୍ଦ୍ର କରି ଉଗ୍ର ରୂପ ନେଲା ପାରିବାରିକ କଳହ

## ପତ୍ନୀକୁ କଟୁରୀରେ ହାଣି ହତ୍ୟା କଲା ସ୍ୱାମୀ, ଅଭିଯୁକ୍ତ ସ୍ୱାମୀ ଗିରଫ

ଜଗତସିଂହପୁର, (ପିଏନ)- ପାରିବାରିକ କଳହକୁ କେନ୍ଦ୍ର କରି ପତ୍ନୀକୁ କଟୁରୀ ସାହାଯ୍ୟରେ ହାଣି ହତ୍ୟା କରିଛି ନୃସଂଶ ସ୍ୱାମୀ । ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ଅନ୍ତର୍ଗତ ହସିଣା (ଖ) ଗ୍ରାମରେ ଘଟିଯାଇଛି ଏଭଳି ଏକ ଅଭାବନୀୟ ଘଟଣା । ଘଟଣାରେ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିବା ସହ ଏନେଇ ଅଧିକ ପଚରା ଉଚୁରା ଜାରୀ ରଖିଛି କୁଜଙ୍ଗ ପୋଲିସ ।
ଅଭାବ ଅନାଟନକୁ କେନ୍ଦ୍ର କରି ପତି ପତ୍ନୀଙ୍କ ମଧ୍ୟରେ ଅନେକ ସମୟରେ ପାରିବାରିକ କହଳ ଲାଗି ରହୁଥିଲା । ଏହି କଳହ ଗତକାଲି ରାତିରେ ଉଗ୍ର ରୂପ ନେଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ସ୍ୱାମୀ ତଥା ଟ୍ରାକ୍ଟର ଡ୍ରାଇଭର ମେଘନାଦ ତରାଇ ପତ୍ନୀ ପାର୍ବତୀଙ୍କ ମୁଣ୍ଡକୁ କଟୁରୀରେ ଚୋଟ ପକାଇଥିଲା । ଫଳରେ ଗଭୀର କ୍ଷତ ଓ ପ୍ରବଳ ରକ୍ତସ୍ରାବ ଯୋଗୁଁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ କୁଜଙ୍ଗ ପୋଲିସ ସେଠାରେ ପହଂଚି ମୃତ ମହିଳାଙ୍କ ଶବ ଜବତ କରିଛି । ଏହାକୁ ବ୍ୟବଚ୍ଛେଦ ନିମନ୍ତେ କୁଜଙ୍ଗ ଶବ ବ୍ୟବଚ୍ଛେଦ କେନ୍ଦ୍ରକୁ ପଠାଇଛି । ଥାନା ପକ୍ଷରୁ ଏ ସଂକ୍ରାନ୍ତରେ ଏକ ହତ୍ୟା ମାମଲା ରୁଜୁ ହୋଇଛି । ଘଟଣାରେ ପୋଲିସ ଅଭିଯୁକ୍ତ ସ୍ୱାମୀ ମେଘନାଦକୁ ଗିରଫ କରିବା ସହିତ ଏନେଇ ଅଧିକ ତଦନ୍ତ ଜାରୀ ରଖିଛି ।
ଏଠାରେ ଉଲ୍ଲେଖଯୋଗ୍ୟ, ଏହି ଦମ୍ପତିଙ୍କର ଏକ ୧୩ ବର୍ଷିୟା ଝିଅ ଓ ଏକ ୮ ବର୍ଷର ପୁଅ ରହିଛି ।

# ମୃତ୍ୟୁର ବାଟ ଚାହିଁ ବସିଛନ୍ତି ପକ୍ଷାଘାତ ରୋଗୀ ପିତା

କନ୍ଧମାଳ, (ପିଏନ)- ନିଜର କର୍କଟ ରୋଗ ପାଇଁ ଏବଂ ତାଙ୍କ ପିତାଙ୍କର ପକ୍ଷାଘାତ ରୋଗର ଚିକିତ୍ସା ପାଇଁ ସରକାରୀ ସହାୟତା ଆଶାରେ ଅପେକ୍ଷାରେ ଶେଷରେ ଆଖି ବୁଜିଲେ କର୍କଟ ପିଡ଼ିତ ଭାଗିରଥି ବେହେରା । ଏପରି ସ୍ଥିତିରେ ନିଜର ମୃତ୍ୟୁ ଅପେକ୍ଷାରେ ରହିଛନ୍ତି ତାଙ୍କର ପିତା କୁଞ୍ଜବିହାରୀ ବେହେରା । କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ସୁତୁରୁକୁମ୍ପା ପଂଚାୟତରେ ନେଡ଼ିଗୁଡ଼ା ଗ୍ରାମର କର୍କଟ ଜଣେ ଗରିବ ନିସହାୟ କର୍କଟ ରୋଗୀ ଥିଲେ ଭାଗିରଥି । ଯେଉଁ ବୟସରେ ରୋଜଗାର କରିବା କଥା ସେହି ବୟସରେ କର୍କଟ ରୋଗ ଯୋଗୁଁ ସେ ଘରେ ପଡ଼ିରହିଥିଲେ । ତାଙ୍କ ପରିବାରର ସେ ଜଣେ ମାତ୍ର ରୋଜଗାରିଆ ବ୍ୟକ୍ତି ହୋଇଥିବାବେଳେ ତାଙ୍କୁ ଏହି ଅସାଧ୍ୟ ରୋଗ ହେବାପରେ ତାଙ୍କର ରୋଜଗାରରେ ପଡିଲା ଜବନିକା । ତେବେ ରୋଗର ଚିକିତ୍ସା ପାଇଁ ସରକାରୀ ସହାୟତା ମିଳିବା ଅପେକ୍ଷାରେ ଏ ଦୁଆର ସେ ଦୁଆ ହୋଇ ତାଙ୍କର ଜୀବନ ଗଲା ଏବେବି ତାଙ୍କ ବାପା କୁଞ୍ଜ ବିହାରୀ ବେହେରା ପକ୍ଷାଘାତ ରୋଗରେ ପିଡ଼ିତ । ଦୀର୍ଘଦିନ ହେଲା ବାପା-ପୁଅ ରୋଗାଗ୍ରସ୍ତ ହୋଇ ଘରେ ପଡ଼ିରହିଥିବା ବେଳେ ପରିବାର ଚଳାଇବା ମଧ୍ୟ କଷ୍ଟଦାୟକ ସେମାନଙ୍କ ପାଇଁ । ଗୋଟିଏ ପଟେ ରୋଜଗାର ବନ୍ଦ ଅନ୍ୟପଟେ ଚିକିତ୍ସା ପାଇଁ ଅର୍ଥର ଆବଶ୍ୟକ ଚିନ୍ତାରେ ଉଭୟ ବାପା-ପୁଅ ସମେତ ପରିବାର ସମସ୍ତେ ଚିନ୍ତାରେ ପଡ଼ିଥିବା ବେଳେ ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଥମେ ଏକ ଡାକ୍ତରୀ ଦଳ ତାଙ୍କ ଘରେ ପହଂଚି କେବଳ ସେମାନଙ୍କୁ ଦେଖିଦେଇ ଚାଲି ଯାଇଥରଲେ । ହେଲେ ସେମାନଙ୍କର ସହାୟତା ପାଇଁ କୌଣସି ପ୍ରକାର ଚିକିତ୍ସା ବ୍ୟବସ୍ଥା କରିନଥିଲେ । ପରେ ଉକ୍ତ ପରିବାର ପାଖରେ ସ୍ୱେଚ୍ଛାସେବୀ ପହଂଚି ସେମାନଙ୍କୁ କିଛି ସହାୟତା ଦେବା ସହିତ ପ୍ରଶାସନକୁ ଚିକିତ୍ସା ପାଇଁ ମଧ୍ୟ ଅବଗତ କରିବା ପରେ କର୍କଟ ରୋଗରେ ପିଡ଼ିତ ଥିବା ପୁଅ ଭାଗିରଥିଙ୍କୁ ପ୍ରଥମେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇ ସେଠାରେ ଚିକିତ୍ସା ପାଇଁ ପ୍ରଚେଷ୍ଟ ଆରମ୍ଭ ହୋଇଥିଲା । ସେଠାରୁ କଟକ କ୍ୟାନସର ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ କୋଭିଡ୍ ପରୀକ୍ଷାରେ ବିଳମ୍ବ ଯୋଗୁଁ ତାଙ୍କୁ କ୍ୟାନସର ଓ୍ୱାର୍ଡ଼ରେ ଭର୍ତି କରିବାରେ ମଧ ବିଳମ୍ବ ଘଟିଥିଲା । ସେଠାରେ ଚିକିତ୍ସା ପାଇଁ ଅପେକ୍ଷା କରି ଜୀବନ ଚାଲିଯାଇଥିଲା ଭାଗିରଥିଙ୍କର । ପରିବାର ଲୋକେ ବହୁ କଷ୍ଟରେ ନିଜ ଖର୍ଚ୍ଚରେ ତାଙ୍କର ମୃତଦେହ ଆଣିଥିଲେ ନିଜ ଗ୍ରାମକୁ । ପ୍ରଶାସନର ଅବହେଳା ଅଭିଯୋଗ କରି ଭାଗିରଥିଙ୍କ ମୃତ୍ୟୁପରେ ତାଙ୍କ ଗ୍ରାମବାସୀଙ୍କ ମଧ୍ୟରେ ଅସେନ୍ତାଷ ଦେଖାଯାଇଥିଲା । ପରିସ୍ଥିତି ଉତେଜନା ପୁର୍ଣ୍ଣ ହେବାରୁ ଏହି ଖବର ପାଇ ଖଜୁରିପଡ଼ା ବି.ଡି.ଓ ରବିନ୍ଦ୍ରନାଥ କହଁର , ବ୍ଲକ ଅଧକ୍ଷ ବିରେନ୍ଦ୍ର କହଁର ଓ ଅନ୍ୟମାନେ ପହଂଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହିତ ରେଡ଼କ୍ରସ୍ ପାଣ୍ଠିରୁ ପରିବାରକୁ ତୁରନ୍ତ ୧୦ ହଜାର ଟଙ୍କା ସହିତ ହରିଶ୍ଚନ୍ଦ୍ର ଯୋଜନାରେ ମଧ୍ୟ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ତାଙ୍କର ସ୍ତ୍ରୀଙ୍କୁ ବିଧବା ଭତା ସହିତ ଝିଅକୁ ପାଠ ପଢାରେ ସହଯୋଗ ପାଇଁ ମଧ ଗ୍ରାମବାସୀ ମାନେ ଦାବୀ କରିବା ସହିତ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ପାଣ୍ଠିରୁ ତୁରନ୍ତ ତାଙ୍କ ପରିବାରକୁ ୨୦ ହଜାର ଟଙ୍କା ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ମାନେ ଦାବୀ କରିଛନ୍ତି ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଲକାନଗିରି ପ୍ରଚେଷ୍ଟା ଅସହାୟ ବୃଦ୍ଧା ଥଇଥାନ ହୋଇ ଚିକିତ୍ସା ସୁବିଧା ପାଇଲେ

ମାଲକାନଗିରି, (ପିଏନ)- ଆନ୍ତର୍ଜାତୀୟ ବୃଦ୍ଧ ଦିବସ ଅବସରରେ ମାଲକାନଗିରିସ୍ଥିତ ୧୧୯ କଲୋନୀ ନିବାସୀ ରଜନୀ ପଣ୍ଡା ନାମ୍ନୀ ବୃଦ୍ଧା ତାଙ୍କ ଘରେ ପରିବାର ଠାରୁ ନାନା କଷ୍ଟ ପାଇ ଘରୁ ବିତାଡ଼ିତ ହୋଇ ମାଲକାନଗିରି ସହରରେ ଅଖିଆ ଅପିଆ ହୋଇ ବୁଲୁଥିଲେ । ବୃଦ୍ଧା ଅବସ୍ଥା ଯୋଗୁଁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିବା ବେଳେ ତାଙ୍କ ବାମ ହାତ ମଧ୍ୟ ଭାଙ୍ଗି ଯାଇଥିଲା । ଏହିପରି ଅବସ୍ଥାରେ ମାଲକାନଗିରି ସମାଜ ସେବୀ ଗୀତାଞ୍ଜଳି ମହାପାତ୍ର ତାଙ୍କୁ ଦେଖିବ ସଂଗେ ସଂଗେ ମାଲକାନଗିରି ପୋଲିସ ଷ୍ଟେସନରେ କାର୍ଯ୍ୟରତ ଏସ.ଆଇ ଶୁଭଶ୍ରୀ ନାୟକଙ୍କୁ ଜଣାଇଥିଲେ । ଶ୍ରୀମତୀ ନାୟକ ବିଳମ୍ବ ନ କରି ରଜନୀ ପଣ୍ଡାଙ୍କୁ ମାଲକାନଗିରି ଟାଉନ ଆଶ୍ରୟ ଗୃହରେ ରଖି ତତ୍‌କ୍ଷଣାତ୍ ଏହି ବିଷୟ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମାଲକାନଗିରି ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାରପତି ଅମରେଶ ନାୟକଙ୍କୁ ଜଣାଇଥିଲେ । ସଚିବ ଶ୍ରୀ ନାୟକ ସଂଗେ ସଂଗେ ଯାଇ ଲିଗାଲ ସ୍ୱେଚ୍ଛାସେବୀ ଡ. ରଂଜନ କୁମାର ସ୍ୱାଇଁ ଓ ସଂଗୀତା ଦାଶଙ୍କୁ ବୃଦ୍ଧାଙ୍କୁ ଉଦ୍ଧାର କରିବା ପାଇଁ କହିଥିଲେ । ଏହା ପରେ ଗୀତାଞ୍ଜଳି ମହାପାତ୍ର, ଏସ.ଆଇ ଶୁଭଶ୍ରୀ ନାୟକ, ସ୍ୱେଚ୍ଛାସେବୀ ଡ. ରଂଜନ କୁମାର ସ୍ୱାଇଁ ଓ ସଂଗୀତା ଦାଶ ପ୍ରମୁଖ ବୃଦ୍ଧାଙ୍କୁ ଅସ୍ଥାୟୀ ଆଶ୍ରୟ ଗୃହରୁ ଉଦ୍ଧାର କରି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ପାଖରେ ହାଜର କରାଇଥିଲେ । ସଚିବ ଶ୍ରୀ ନାୟକ ସମସ୍ତ ବିଷୟ ବୁଝି ବୃଦ୍ଧାଙ୍କୁ ଉଦ୍ଧାରକର୍ତା ଟିମ୍‌ଙ୍କ ଜରିଆରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପ୍ରେରଣ କରି ଯଥାଶୀଘ୍ର ବୃଦ୍ଧା ମହିଳାଙ୍କ ଥଇଥାନ କରି ତାଙ୍କ ଆଶୁ ଚିକିତ୍ସା ସକାଶେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଆଦେଶ ଦେଇଛନ୍ତି । ଏହା ସହିତ ବୃଦ୍ଧାର ବିଷୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରି ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ରିପୋର୍ଟ ପ୍ରଦାନ କରିବା ପାଇଁ ମଧ କହିଛନ୍ତି । ଥଇଥାନ ହୋଇ ଚିକିତ୍ସା ପାଇଲା ପରେ ବୃଦ୍ଧୀ ରଜନୀ ପଣ୍ଡା ଆଇନ ସେବା ପ୍ରାଧିକରଣ ମାଧମରେ ତାଙ୍କ ଭରଣ ପୋଷଣ ଓ ଅନ୍ୟାନ୍ୟ ଭତା ପାଇବାର ବ୍ୟବସ୍ଥା ମଧ କରାଯିବ ବୋଲି ଆଇନ ସେବା ପ୍ରାଧିକରଣ ତରଫରୁ ଜଣାଯାଇଛି । ପ୍ରକାଶ ଥାଉ କି ଜିଲ୍ଲା ଆଇନ ସେବା ପ୍ରାଧିକରକଣ ଦ୍ୱାରା ପୂର୍ବରୁ ମଧ୍ୟ ବହୁ ଅସହାୟ ବରିଷ୍ଠ ନାଗରିକ, ଶିଶୁ ଓ ଅନ୍ୟମାନେ ଉଦ୍ଧାର ହୋଇ ଥଇଥାନ ହୋଇପାରିଛନ୍ତି ।

# ୪ ଅଭିଯୁକ୍ତ ଗିରଫ,୬ ଫେରାର, ୨ବାଇକ୍ ସହ ବହୁ ମାରଣାସ୍ତ୍ର ଜବତ

ଧର୍ମଶାଳା,(ପିଏନ)- ଯାଜପୁର ଜିଲା ଧର୍ମଶାଳା ପୋଲିସକୁ ବଡ ଧରଣର ସଫଳତା । ଗତ କାଲି ବିଳମ୍ବିତ ରାତିରେ ଏକ ବଡ ଧରଣର ଡକାୟତି ଉଦ୍ୟମ ଯୋଜନା କରୁଥିବା ବେଳେ ନାଇଟ ପାଟ୍ରୋଲିଂ କରୁଥିବା ପୋଲିସ ଏହାକୁ ପଣ୍ଡ କରିଛି । ଯାହାକୁ ନେଇ ଆଜି ଧର୍ମଶାଳାରେ ଚର୍ଚ୍ଚାର ବିଷୟ ହୋଇଛି । ଏହି ଘଟଣାରେ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବାଇକ,ମାରଣାସ୍ତ୍ର ସହ ନଗଦ ଟଙ୍କା ଜବତ କରିଥିବ ନେଇ ଆଜି ଅପରାହ୍ନରେ ଧର୍ମଶାଳା ଥାନା ପରିସରରେ ଯାଜପୁର ଏସଡିପିଓ ଚିନ୍ମୟ ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସୂଚନା ମୁତାବକ ଗତ କାଲି ରାତିରେ ଧର୍ମଶାଳା ଥାନା ଅନ୍ତର୍ଗତ ଦେଉଳି ପାହାଡ ପାଦ ଦେଶରେ କିଛି ଯୁବକ ଚଲାବୁଲା କରୁଥିଲେ । ତେବେ ସେହି ସମୟରେ ଧର୍ମଶାଳା ପୋଲିସ ନାଇଟ ପାଟ୍ରୋଲିଂ କରୁଥିବା ସମୟରେ ସେମାନଙ୍କ ଉପରେ ନଜର ପଡିଥିଲା । ତେବେ ସେମାନେ ପୋଲିସକୁ ଦେଖି ଫେରାର ହୋଇ ଯାଉଥିବା ଦେଖି ପୋଲିସ ସେମାନଙ୍କୁ ପିଛା କରି ୪ ଜଣଙ୍କୁ ଧରିବାରେ ସଫଳତା ପାଇଥିଲା ବେଳେ ଅନ୍ୟ ୬ ଜଣ ଯୁବକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଏହି ୪ ଯୁବକଙ୍କୁ ଧରି ଥାନାରେ ଅଟକ ରଖି ପଚରାଉଚୁରା ପରେ ଏକ ଡକାୟତି ଯୋଜନା କରୁଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ । ଏବଂ ସେମାନଙ୍କଠାରୁ ବହୁ କଥା ଜାଣିବାକୁ ପାଇଥିଲା । ଏବଂ ସେମାନଙ୍କ ନାମରେ ପୂର୍ବରୁ ଜିଲାର ବିଭିନ୍ନ ଥାନାରେ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଥିଲା । ଏହି ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ଆସ୍କା ଥାନା ଅନ୍ତର୍ଗତ ପୋକଲ ପଲ୍ଲୀ ଗ୍ରାମର କାର୍ତିକ ଦାସଙ୍କ ପୁଅ ଶିବାଜୀ(୨୩) ଏହି ଗ୍ରାମର ଦାସ ଲାମ୍ବାଙ୍କ ପୁଅ ଦାସ ବେଓ୍ୱା(୧୯),ଆସ୍କା ଥାନା ଅନ୍ତର୍ଗତ କରଚେଲି ଗ୍ରାମର ଆହୁଲା ସୁରେଶଙ୍କ ପୁଅ ଆହୁଲା ବଳରାମ(୨୧) ଓ ଆସ୍କା ଥାନା ଅନ୍ତର୍ଗତ ରେଞ୍ଜର ବଙ୍ଗଳା ଗ୍ରାମର ଏମ୍ ବାବୁଲାଙ୍କ ପୁଅ ଏମ୍ ସୁନିଲ(୨୫) ବୋଲି ଜଣାପଡିଛି । ଏବଂ ସେମାନେ ବ୍ୟବହୃତ କରୁଥିବା ୨ଟି ହୋଣ୍ଡା ବାଇକ୍ ଓଡି୦୨ଏଏସ୬୯୨୧ ଓ ଓଡି୩୨ଇ୨୬୧୧,ଗୋଟିଏ ଦେଶୀ ବନ୍ଧୁକ,ଗୋଟେ ଭୁଜାଲି,ଗୋଟେ ଛୁରୀ,୨ଟି ରେଂଚୁ,ଗୋଟେ ପ୍ୟାକେଟ ଲଙ୍କା ଗୁଣ୍ଡ,୮ ଗୋଟି ମୋବାଇଲ, ନଗଦ ୮୧୯୦ଟଙ୍କା,୬ଟି ଏଟିଏମ୍ କାର୍ଡ,୧୩ ଗୋଟି ସିଲଭର ପାଉଂଜି,୨୪ଟି ସିଲଭର ମୁଦିକୁ ପୋଲିସ ଜବତ କରିଛି । ଏବଂ ଅଭିଯୁକ୍ତମାନଙ୍କୁ ଆଜି ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ନେଇ ଏସଡିପିଓ ଶ୍ରୀ ନାୟକ ସୂଚନା ଦେଇଛନ୍ତି । ଏବଂ ଏହି ଘଟଣାରେ ଏହି ସବୁ ଅଂଚଳର ବିଜୟଙ୍କ ପି ରାଜା(୨୧),କୃଷ୍ଣ ଦାସଙ୍କ ପୁଅ ମହେଶ୍ୱର(୨୧),ପି ରାମୁଙ୍କ ପୁଅ ରହୁଲ ଦାସ(୨୧), ମିଳନ ଦାସ(୨୧), ଜୟା ଗୋପିଙ୍କ ପୁଅ ଜୟା ଚାନ୍ଦୁ(୧୯) ଓ ଅଭୟ ଦାସ(୨୫) ଫେରାର ହୋଇଯାଇଥିବା ବେଳେ ସେମାନଙ୍କୁ ଖୁବ ଶିଘ୍ର ଧରାଯିବ ବୋଲି ପୋଲିସ ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ।

## ଭଗାମୁଣ୍ଡାରେ ମା' ଚାଞ୍ଚଖାଇ ପୀଠରେ ପଣାସଂକ୍ରାନ୍ତି ପୂଜା

ଭଗାମୁଣ୍ଡା: ହରିଚନ୍ଦନପୁର ବ୍ଲକ ଭଗାମୁଣ୍ଡା ଠାରେ ଥିବା ମା'ଚାଞ୍ଚଖାଇ ଠାକୁରାଣୀ ପୀଠ, ଶଗଡପଡା ପଂଚାୟତରେ ମା' ଦାନ୍ତୁଆଣି ପୀଠ ଏବଂ ହନୁମାନ ମନ୍ଦିର, ମାଣିଆବନ୍ଧର ହନୁମାନ ମନ୍ଦିରରେ ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି । ଦ୍ୱିତୀୟ ଦିନରେ କୋଭିଡ୍ ନିୟମକୁ ପାଳନ କରି ବିନା ଭକ୍ତରେ ପୂଜାର୍ଚ୍ଚନା କରାଯାଇଥିବା ବେଳେ ଏଠାରେ ପ୍ରତ୍ୟେକ ବର୍ଷ ମୀନା ବଜାର ଓ ରଙ୍ଗମଂଚ ୧୫ଦିନ ଧରି ଚାଲେ କିନ୍ତୁ କରୋନା ସଂକ୍ରମଣ ଯୋଗୁଁ କମିଟି ତରଫରୁ ଏସବୁ ଯାନିଯାତ୍ରାକୁ ବନ୍ଦ କରାଯାଇଛି । ଶାନ୍ତି ଶୃଙ୍ଖଳା ସହିତ ପୂଜାର୍ଚ୍ଚନା ପରେ ପ୍ରସାଦ ସେବନ ଓ ପଣା ବଣ୍ଟନ କରାଯାଇଥିଲା ।




Bhubaneswar Friday April 16, 2021 ଭୁବନେଶ୍ୱର ଶୁକ୍ରବାର, ଅପ୍ରେଲ ୧୬,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ବମ୍ବେ ଓଡ଼ିଶା ଭବନ କ୍ୟାଣ୍ଟିନ୍ ଖୋଲିବାକୁ ବିପୀନ ମିଶ୍ରଙ୍କ ଦାବି



ମୁମ୍ବାଇ : ନଭି ମୁମ୍ବାଇସ୍ଥିତ ଓଡ଼ିଶା ଭବନର କ୍ୟାଣ୍ଟିନକୁ ତୁରନ୍ତ ଚାଲୁ କରିବାକୁ ବମ୍ବେ ଓଡ଼ିଆ ମହାସଂଘର ସଭାପତି ଡଃ ବିପୀନ ମିଶ୍ର ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି । କୋଭିଡ୍ ଯୋଗୁଁ ବନ୍ଦ ଥିବା କ୍ୟାଣ୍ଟିନ୍‌କୁ ଅବିଳମ୍ବେ ଖୋଲିବା ସାଙ୍ଗକୁ ସର୍ବସାଧାରଣଙ୍କୁ ଏଠାରେ ଖାଇବା ପାଇଁ ସୁଯୋଗ ପ୍ରଦାନ କରିବାକୁ ଡଃ ମିଶ୍ର, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ପତ୍ର ଲେଖି ନିବେଦନ କରିଛନ୍ତି । କ୍ୟାଣ୍ଟିନ୍ ବନ୍ଦ ଥିବାରୁ ଓଡ଼ିଶାରୁ କ୍ୟାନ୍‌ସର ଓ ଅନ୍ୟାନ୍ୟ ରୋଗର ଚିକିତ୍ସା ପାଇଁ ମୁମ୍ବାଇ ଆସୁଥିବା ଶହ ଶହ ଓଡ଼ିଆ ରୋଗୀ ଓ ସେମାନଙ୍କର ପରିବାରବର୍ଗ ଅକଥନୀୟ ଯନ୍ତ୍ରଣାର ଶୀକାର ହେଉଥିବା ଡଃ ମିଶ୍ର ଉଲ୍ଲେଖ କରିଛନ୍ତି । ଏହା ସହିତ ଓଡ଼ିଶା ଭବନରେ ରହୁଥିବା ଅତିଥି ଏବଂ ମୁମ୍ବାଇରେ ବସବାସ କରୁଥିବା ପ୍ରବାସୀ ଓଡ଼ିଆ ଓ ସେମାନଙ୍କ ପରିଜନ ମଧ୍ୟ ଓଡ଼ିଆ ଖାଦ୍ୟ ଆହାର କରିବାର ସୁଯୋଗରୁ ବଞ୍ଚିତ ହେଉଛନ୍ତି ବୋଲି ସେ ସୂଚାଇଛନ୍ତି । ଏବେ ମୁମ୍ବାଇରେ କରୋନାର ଦ୍ୱିତୀୟ ଦଫାର ପ୍ରକୋପ ବୃଦ୍ଧିପାଉଥିବା ସତ୍ତ୍ୱେ ବିଭିନ୍ନ କାର୍ଯ୍ୟାଳୟ, ସଂସ୍ଥାନ ଓ ଅତିଥିଶାଳା କାର୍ଯ୍ୟକ୍ଷମ ହେବାକୁ ଆରମ୍ଭ କରିଥିବାବେଳେ ଓଡ଼ିଶା ଭବନର ଡାଇନିଂରୁମ୍ ଓ କିଚେନକୁ ବନ୍ଦ କରି ରଖାଯିବାର କୌଣସି ଯୁକ୍ତିଯୁକ୍ତତା ନାହିଁ ବୋଲି ଡଃ ମିଶ୍ର ଦର୍ଶାଇଛନ୍ତି । ନିକଟରେ ଡଃ ମିଶ୍ର ଭୁବନେଶ୍ୱରଠାରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କୁ ସାକ୍ଷାତ କରି ଏହି କ୍ୟାଣ୍ଟିନ୍ ଖୋଲାଯିବା ନେଇ ତାଙ୍କର ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି । ଏହି ସାକ୍ଷାତକାର ସମୟରେ ବରିଷ୍ଠ ମନ୍ତ୍ରୀ ପ୍ରତାପ ଜେନା ମଧ୍ୟ ଉପସ୍ଥିତ ଥିଲେ । ଉଭୟ ମନ୍ତ୍ରୀ ଶ୍ରୀ ଜେନା ଓ କ୍ୟାପ୍‌ଟେନ୍ ମିଶ୍ର, କଥିତ ମାନବୀୟ ସମସ୍ୟା ନେଇ ସମବେଦନା ପ୍ରକଟ କରିବା ସହିତ ଯଥାଶୀଘ୍ର ଏହାର ଦୂରୀକରଣ ସମ୍ପର୍କରେ ସରକାରୀ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଦିଲ୍ଲୀସ୍ଥିତ ଓଡ଼ିଶା ନିବାସର କ୍ୟାଣ୍ଟିନ୍ ଦୀର୍ଘ ଦିନ ଧରି ବନ୍ଦ ରହିବା ପରେ ପ୍ରବାସୀ ଓଡ଼ିଆମାନଙ୍କର ଦାବି ଫଳରେ ଚଳିତ ଏପ୍ରିଲ ୧ ତାରିଖ ଠାରୁ ଏହା କାର୍ଯ୍ୟକ୍ଷମ ହେବା ସହିତ ସର୍ବସାଧାରଣଙ୍କ ଖାଇବା ପାଇଁ ଉନ୍ମୁକ୍ତ ହୋଇଥିବା ଜଣାଯାଇଛି ।

## ଯାଜପୁର ଜିଲ୍ଲାର ବିଭିନ୍ନ ଦେବାଦେବୀ ପୀଠ ଭକ୍ତ ଶୂନ୍ୟ

ଯାଜପୁର : ପଣା ସଂକ୍ରାନ୍ତୀ ଅବସରରେ ଜିଲ୍ଲାର ଦଶରଥପୁର ବ୍ଲକ କୁଆଁସ ମଙ୍ଗଳା, କୋରେଇ ବ୍ଲକ ଅନ୍ତର୍ଗତ ତଳଗଡ଼ ପଚାଂୟତର ନୂଆଗଡ଼ ଗ୍ରାମର ମଙ୍ଗଳା ପୀଠ, ବରୀ ବ୍ଲକ ଅନ୍ତର୍ଗତ ଗୋଳକୁଣ୍ଡ ଗ୍ରାମର ମଙ୍ଗଳା ପୀଠ ଭକ୍ତ ଶୂନ୍ୟ ହୋଇପଡିଛି । ବରୀ ବ୍ଲକ ଅଧିନ ରତ୍ନଗିରି ପାହାଡ଼ ଶୀର୍ଷରେ ଥିବା ମହାକାଳଙ୍କ ପୀଠର ଚାଙ୍ଗଡ଼ ଯାତ୍ରା ବିଧି ରକ୍ଷା ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । ଏହା ବ୍ୟତୀତ ବାରବାଟୀର ଶିଙ୍ଗାପୁର ଯାତ୍ରା ବନ୍ଦ ରହିଛି । ସେଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୧୪୪ ଧାରା ବଳବତର ରହିଛି । ବିଧି ରକ୍ଷା ପାଇଁ ଶିଙ୍ଗାପୁର କମିଟି ପକ୍ଷରୁ ହରି ଗୋସାଇଁ ମହାପ୍ରଭୁଙ୍କୁ ପୁଷ୍କରିଣୀରୁ ପୂଜାର୍ଚ୍ଚନା କରାଯାଇ ମନ୍ଦିର ଭିତରକୁ ନିଆଯାଇଥିଲା । ପରେ ବିଭିନ୍ନ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ସ୍ଥାନରେ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

# ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରରେ ହନୁମାନ ଜୟନ୍ତୀ ଅବସରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା

ପୁରୀ: ମହା ବିଷୁବ ସଂକ୍ରାନ୍ତୀ ଓ ହନୁମାନ ଜୟନ୍ତୀ ଅବସରରେ ଆଜି ଶ୍ରୀମନ୍ଦିର ବେଢ଼ା ମଧ୍ୟରେ ରହିଥିବା ମହାବୀର ହନୁମାନଙ୍କ ସ୍ୱତନ୍ତ୍ର ମାଜଣା ଓ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି । ଶ୍ରୀମନ୍ଦିରରେ ସକାଳ ଧୂପ ନୀତି ଶେଷ ହେବା ପରେ ଦକ୍ଷିଣ ଘରୁ ଶ୍ରୀ ମହାବୀରଙ୍କ ଚଳନ୍ତି ପ୍ରତିମା ରତ୍ନ ସିଂହାସନକୁ ବିଜେ କରିଥିଲେ । ସେଠାରେ ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ମିଳିବା ପରେ ମୁକ୍ତି ମଣ୍ଡପ ତଳେ ଥିବା ଝୁଲଣ ମଣ୍ଡପରେ ରଖାଯାଇଥିବା ବିମାନରେ ବିଜେ କରିଥିଲେ । ପୂଜାପଣ୍ଡା ସେବାୟତ ଆଜ୍ଞାମାଳ ଆଣି ଚାରି ଦ୍ୱାର ମହାବୀର ଓ ବାର ଭାଇ ମହାବୀରଙ୍କୁ ଅର୍ପଣ କରିଥିଲେ । ପରେ ପରେ ଝୁଲଣ ମଣ୍ଡପ ନିକଟରେ ଥିବା ଶ୍ରୀ ମହାବୀରଙ୍କ ବିମାନକୁ ବିମାନ ବଡୁ ସେବାୟତ ମାନେ ଶ୍ରୀ ଜଗନ୍ନାଥ ବଲ୍ଲଭକୁ ବିଜେ କରାଇଥିଲେ । ବଲ୍ଲଭରେ ଥିବା ସୁଗ୍ରୀବ ମହାବୀରଙ୍କୁ ପୂଜାପଣ୍ଡା ସେବାୟତ ଆଜ୍ଞାମାଳ ଅର୍ପଣ କରିଥିଲେ । ଏହାପରେ ପୂଜାପଣ୍ଡା ସେବାୟତ ସମୁଦ୍ରକୂଳ ଚକ୍ରତୀର୍ଥ ରୋଡ଼ରେ ଥିବା ଦରିଆ ମହାବୀରଙ୍କୁ ଆଜ୍ଞାମାଳ ଅର୍ପଣ କରିଥିଲେ । ସେଠାରୁ ପୂଜାପଣ୍ଡା ସେବାୟତ ମାନେ ଫେରିବା ପରେ ଶ୍ରୀ ଜଗନ୍ନାଥ ବଲ୍ଲଭରେ ଶ୍ରୀ ହନୁମାନଙ୍କୁ ଶୀତଳ ଭୋଗ ଓ ବନ୍ଦାପନା କରିଥିଲେ । ଏହା ପରେ ବିମାନ ଯୋଗେ ଚଳନ୍ତି ପ୍ରତିମା ମହାବୀରଙ୍କୁ ଶ୍ରୀମନ୍ଦିର ଦକ୍ଷିଣ ଘରକୁ ବିଜେ କରାଇଥିଲେ । ଏଥିସହ ଦକ୍ଷିଣ ଦ୍ୱାର ଓ ମେଘନାଦ ପାଚେରୀକୁ ଲାଗି ରହିଥିବା ହନୁମାନଙ୍କ ସ୍ୱତନ୍ତ୍ର ମାଜଣା ଓ ପୂଜାର୍ଚ୍ଚନା କରାଯାଇଛି । ପୁଷ୍ପ, ଧୂପ, ଦୀପ ଓ ନୈବେଦ୍ୟ ସହ ମନ୍ତ୍ର ଉଚ୍ଚାରଣ କରି ବ୍ରାହ୍ମଣ ମାନେ ହନୁମାନଙ୍କ ପୂଜାର୍ଚ୍ଚନା କରିଥିଲେ । କେତେକ ଭକ୍ତ ମନ୍ଦିର ନିକଟରେ ହନୁମାନ ଚାଳିଶା ପାଠ କରୁଥିବା ଦେଖିବାକୁ ମିଳିଥିଲା । ଚୁଆ ଚନ୍ଦନ ଓ ଗେରୁଆ ସିନ୍ଦୁର ସ୍ୱତନ୍ତ୍ର ଭାବେ ମାଜଣା କରାଯାଇଥିଲା । ଏବଂ ପଣା ସଂକ୍ରାନ୍ତୀ ଅବସରରେ ହନୁମାନଙ୍କୁ ପଣା ଭୋଗ ଲାଗି କରାଯାଇଥିଲା । ଏହା ସହ ସମୁଦ୍ର କୂଳରେ ଥିବା ଦରିଆ ମହାବୀର, ବେଢ଼ି ହନୁମାନ, ସିଦ୍ଧ ମହାବୀର ଓ ସାତ ସାହିର ବିଭିନ୍ନ ଜାଗା ଆଖଡ଼ା ଘରେ ଥିବା ମହାବୀରଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା । ଜାଗା ଘରେ ନିୟମିତ କୁସ୍ତି ଓ ବ୍ୟାୟାମ ଅଭ୍ୟାସ କରୁଥିବା ଯୁବକ ମାନେ ନାଲି କାଛା ଲାଗି କରି ପିନ୍ଧି ଥିଲେ । ଏଥି ସହ ସହରର ଅନ୍ୟାନ୍ୟ ସ୍ଥାନରେ ଥିବା ମହାବୀରଙ୍କ ମନ୍ଦିରରେ ଭକ୍ତ ମାନେ ସାମାଜିକ ଦୂରତା ରଖି ଠାକୁର ଦର୍ଶନ କରିଥିବା ଦେଖିବାକୁ ମିଳିଥିଲା ।

# ଶୁଦ୍ଧିକ୍ରିୟା ଭୋଜି ନଦେବାରୁ ୧୦ ରୁ ଊର୍ଦ୍ଧ୍ୱ ପରିବାର ବାସନ୍ଦ, ଥାନାରେ ଏତଲା

ଗଞ୍ଜାମ : ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ଅନ୍ତର୍ଗତ କଇଥଡ଼ା ଗ୍ରାମର ୧୦ରୁ ଊର୍ଦ୍ଧ୍ୱ ପରିବାରଙ୍କୁ କୂଳସଭା ପକ୍ଷରୁ ବାସନ୍ଦ କରାଯାଇଥିବା ଅଭିଯୋଗ ସାମ୍ନାକୁ ଆସିଛି । ଏନେଇ ଗ୍ରାମର ସହଦେବ ରେଡ୍ଡୀ ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ ଆରମ୍ଭ କରିବା ସହ ଅପୋଷ ସମାଧାନ ପାଇଁ ଉଦ୍ୟମ ଚଳାଇଛି । ପ୍ରଥମେ ସହଦେବଙ୍କ ପରିବାର ବର୍ଗଙ୍କୁ କୂଳସଭାର ପ୍ରମୁଖ ସଦସ୍ୟ ମାନେ ସାମାଜିକ ବାସନ୍ଦ କରିଥିଲେ । ପରେ କିଛି ପରିବାରର ମୁଖିଆ ମାନେ ସହଦେବଙ୍କ ସହ ସମ୍ବନ୍ଧ ରଖିବାରୁ ସେମାନଙ୍କୁ ମଧ୍ୟ ବାସନ୍ଦ କରାଯାଇଥିଲା । ଅଭିଯୋଗ ଅନୁସାରେ ସହଦେବଙ୍କ ୫ ଭାଇ ସେମାନଙ୍କ ମଧ୍ୟରେ ପାରିବାରିକ ଶତୃତା ଏବଂ ପୈତୃକ ସମ୍ପତି ଭାଗବଂଟାକୁ ନେଇ ବିବାଦ ଲାଗି ରହିଥିଲା । ଫଳରେ ସହଦେବ ଗ୍ରାମରେ ପରିବାର ସହ ଏକାକୀ ରହୁଥିଲେ । ତାଙ୍କ ମାଙ୍କ ମୃତ୍ୟୁ ପରେ ଗତ ବର୍ଷ ନଭେମ୍ବର ୧୯ ତାରିଖରେ ସେ ଗ୍ରାମରେ ଶୁଦ୍ଧିକ୍ରିୟା ଭୋଜି କରିଥିଲେ । କୋଭିଡ୍ କଟକଣା ଯୋଗୁଁ ସେ ଅଳ୍ପ ସଂଖ୍ୟକ ଜାତି ଲୋକ ଓ ଗ୍ରାମବାସୀଙ୍କୁ ଭୋଜିକୁ ଡାକିଥିଲେ । କିନ୍ତୁ, ନିଜ ପରିବାରର ଅନ୍ୟ ଭାଇ ମାନଙ୍କୁ ଭୋଜି ଦେଇନଥିବା କାରଣରୁ ଗତ ଡ଼ିସେମ୍ବର ମାସ ୨ ତାରିଖରେ କୂଳସଭା ପକ୍ଷରୁ ସହଦେବଙ୍କୁ ସାମାଜିକ ବାସନ୍ଦ କରାଯାଇଥିଲା । ତଥାପି ସହଦେବଙ୍କୁ ସହଯୋଗ କରୁଥିବାରୁ ଅନ୍ୟ ୧୦ ପରିବାରଙ୍କୁ ମଧ୍ୟ ବାସନ୍ଦ କରାଯାଇଥିଲା । ଘଟଣାର ପ୍ରାୟ ୫ ମାସ ପରେ ସହଦେବ ଦିଗପହଣ୍ଡି ଥାନାରେ ଏତଲା କରିଥିଲେ । ତାଙ୍କ ଉପରେ କୂଳମୁଖ୍ୟ ମାନେ ଅନେକ କଟକଣା ଜାରୀ କରିଛନ୍ତି । ଏପରିକି ତାଙ୍କ ଚାଷ ଜମିରେ ଅନ୍ୟମାନଙ୍କୁ କାମ କରିବାକୁ ବାରଣ କରାଯାଇଛି । ସେହିପରି ବଜାରରୁ ସଉଦା କିଣିବା, ପିଲାଙ୍କୁ କୌଣସି ଘରୋଇ ଶିକ୍ଷକଙ୍କୁ ନିକଟକୁ ଟ୍ୟୁସନ ପାଇଁ ପଠାଇବା ଓ ଗାଁ ନଳକୂପକୁ ବ୍ୟବହାର କରିବା ଉପରେ କଟକଣା ଜାରୀ କରାଯାଇଛି ବୋଲି ସହଦେବ ଅଭିଯୋଗ କରିଛନ୍ତି । କୂଳ ସମାଜ ସଭାରେ ଘଟଣାର ସମାଧାନ ନହୋଇପାରିବାରୁ ଶେଷରେ ସେ ଆଇନର ଆଶ୍ରୟ ନେଇଛନ୍ତି । ଅନ୍ୟପକ୍ଷରେ ଚିକିଟି ଏସଡ଼ିପିଓ ସୁରେନ୍ଦ୍ର ନାଥ ମୁର୍ମୁ ଉଭୟ ପକ୍ଷର ଲୋକଙ୍କୁ ଥାନାକୁ ଡକାଇ ଆପୋଷ ସମାଧାନ ନିମନ୍ତେ ଉଦ୍ୟମ କରିଥିଲେ । ଏଥିପାଇଁ ସେମାନଙ୍କୁ ୫ ଦିନ ସମୟ ମଧ୍ୟ ଦିଆଯାଇଥିଲା । କିନ୍ତୁ ଉଭୟ ପକ୍ଷ ଗାଁକୁ ଯିବା ପରେ ପୁଣି ଛକାପଞ୍ଝା ଆରମ୍ଭ ହୋଇଛି ବୋଲି ଥାନା ଅଧିକାରୀ ବସନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି ।

# ଲୁଥେରାନ ସିସିଆଇର ମହିଳା କର୍ମଚାରୀଙ୍କୁ ଦୁଷ୍କର୍ମରୁ ଶିଶୁପୁତ୍ର ଜନ୍ମ ଘଟଣା : ଅଭିଯୁକ୍ତଙ୍କ ସମେତ ସମିତି ସଭାପତି, ଭାରପ୍ରାପ୍ତ ଡିସିପିଓ ଓ ପିଓଆଇସିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଲେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ

କେନ୍ଦ୍ରାପଡ଼ା : ଲୁଥେରାନ ମହିଳା ସମିତିର ଶିଶୁ ଯତ୍ନ ଅନୁଷ୍ଠାନର ମହିଳା କର୍ମଚାରୀଙ୍କୁ ଦୁଷ୍କର୍ମରୁ ଶିଶୁପୁତ୍ର ଜନ୍ମ ଘଟଣାରେ ଲୁଥେରାନର ସଭାପତି, ସିସିଆଇର ସୁପରିନଟେଣ୍ଡେଟ, ଭାରପ୍ରାପ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ ପି.ଓ. ଆଇ.ସି.ଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ରାପଡା ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ । କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ପାଟଳିପଙ୍କସ୍ଥିତ ଲୁଥେରାନ ମହିଳା ସମିତି ଶିଶୁ ଯତ୍ନ ଅନୁଷ୍ଠାନର ହାଉସକିପର ଭାବେ କାର୍ଯ୍ୟରତ ଜନୈକ ମହିଳା କର୍ମଚାରୀଙ୍କ ସହ ବାରମ୍ବାର ଦୁଷ୍କର୍ମରୁ ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିବା ସମ୍ପର୍କରେ ସମ୍ପାଦିକା ମିନାରାଣୀ ଭୂୟାଁ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ନିକଟରେ ଅଭିଯୋଗ କରିଥିଲେ । ସେହି ସଂଗୀନ ଅଭିଯୋଗ ପାଇବା ପରେ ଆୟୋଗର ଅଧ୍ୟକ୍ଷା ଲୁଥେରାନର ଶିଶୁ ଯତ୍ନ ଅନୁଷ୍ଠାନକୁ ଚଳିତମାସ ୫ତାରିଖରେ ଘଟଣାର ତଦନ୍ତ ପାଇଁ ଆସିଥିଲେ । ଅଧ୍ୟକ୍ଷା ତଦନ୍ତ ସମୟରେ ଜାଣିବାକୁ ପାଇଥିଲେ ଯେ ଲୁଥେରାନ ମହିଳା ସମିତିର ସଭାପତି ଓ ସୁପରିନଟେଣ୍ଡେଟ ଘରକାମ କରିବା ପାଇଁ ଜଗନ୍ନାଥ ତ୍ରିପାଠୀଙ୍କ ଘରକୁ ଯିବାକୁ ସଂପୃକ୍ତ ହାଉସକିପରଙ୍କୁ ବାଧ୍ୟ କରିଥିଲେ । ଯାହାଦ୍ୱାରା ହାଉସକିପର ମହିଳା କର୍ମଚାରୀ ଜଣଙ୍କ ତାଙ୍କ ଘରକୁ କାମକରିବାକୁ ଯାଇଥିବା ସମୟରେ ସଭାପତିଙ୍କ ଭାଇ ଜଗନ୍ନାଥ ତ୍ରିପାଠୀ ପିଡିତାଙ୍କୁ ଜୋରଜବରଦସ୍ତି ପିଡିତାଙ୍କ ଇଛା ବିରୋଧରେ ଦୁଷ୍କର୍ମ କରିଥିଲେ । ଏସମ୍ପର୍କରେ ପିଡିତା ଜଣଙ୍କ ସଭାପତି ଓ ସୁପରିନଟେଣ୍ଡେଟଙ୍କୁ ଜଣାଇଥିଲେ ବି ଉଭୟ ସେଥିପ୍ରତି କର୍ଣ୍ଣପାତ ନକରି ପିଡିତାଙ୍କୁ ସେଠାକୁ କାମକରିବାକୁ ଯିବା ପାଇଁ ପୁନର୍ବାର ବାଧ୍ୟ କରିଥିଲେ । ପିଡିତାଙ୍କ ସହ ଏଭଳି ବାରମ୍ବାର ଦୁଷ୍କର୍ମ କରାଯିବା ଫଳରେ ପିଡିତା ଏକ ଶିଶୁପୁତ୍ରକୁ ଜନ୍ମଦେଇଥିଲେ । ଏସମ୍ପର୍କରେ ମଧ୍ୟ ପିଡିତା ଉଭୟ ଲୁଥେରାନର ସଭାପତି ଓ ସୁପରିନଟେଣ୍ଡେଟଙ୍କୁ ଜଣାଇଥିଲେ ମଧ୍ୟ ସେମାନେ ସେହି ଘଟଣାକୁ ଚାପିଦେବା ପାଇଁ ପିଡିତାଙ୍କୁ ଧମକ ଦେବା ସହ ଘଟଣା ବାହାରେ ପ୍ରକାଶ କଲେ ତାଙ୍କ ଶିଶୁପୁତ୍ରକୁ ମାରିଦେଇ ସମସ୍ତ ପ୍ରମାଣ ନଷ୍ଟ କରିଦିଆଯିବ ବୋଲି କହିଥିବା ସେ ଆୟୋଗଙ୍କ ନିକଟରେ ଅଭିଯୋଗ କରିଥିଲେ । ତେଣୁ ସେ ଭୟଭିତ ହୋଇ କୌଣସି ଆଇନଗତ ପଦକ୍ଷେପ ନେଇନଥିବା କହିଥିଲେ । ଏଥିସହିତ ପିଡିତା ଓ ତାଙ୍କ ଶିଶୁପୁତ୍ରର ସୁରକ୍ଷା ନିମନ୍ତେ ଉଭୟଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇ ଦିଆଯିବା ସହ ତାଙ୍କୁ ନ୍ୟାୟ ପ୍ରଦାନ କରାଯିବାକୁ ପିଡିତା ଆୟୋଗଙ୍କୁ ନିବେଦନ କରିଥିଲେ । ଆୟୋଗ ଅଧ୍ୟକ୍ଷା ତାଙ୍କ ଗସ୍ତ ସମୟରେ ଲୁଥେରାନର ଉପସଭାପତି, ବର୍ତ୍ତମାନର ସମ୍ପାଦିକା, ଶିଶୁଯତ୍ନ ଅନୁଷ୍ଠାନର ସଦସ୍ୟା, ହାଉସମଦର ଏବଂ ସମାଜସେବୀ ମମତା ସାମନ୍ତରାୟଙ୍କ ଠାରୁ ନେଇଥିବା ବୟାନ ସହିତ ପିଡିତାଙ୍କ ବୟାନ ମେଳଖାଉଥିବା ଆୟୋଗର ଅଧ୍ୟକ୍ଷା ଅନୁଭବ କରିଛନ୍ତି । ପିଡିତାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୁକ୍ତ ଲୁଥେରାନର ସଭାପତିଙ୍କ ଭାଇ ଓ ସୁପରିନଟେଣ୍ଡେଟଙ୍କ ପିତା ବୋଲି ଆୟୋଗଙ୍କ ନିକଟରେ ଅଭିଯୋଗ ହୋଇଛି । ଉଭୟ ସଭାପତି ଏବଂ ସୁପରିନଟେଣ୍ଡେଟ କ୍ଷମତାକୁ ଜାହିର କରି ଶିଶୁ ଯତ୍ନ ଅନୁଷ୍ଠାନକୁ ସେମାନଙ୍କ ଅକ୍ତିଆରରେ ରଖିବାକୁ ପ୍ରୟାସ କରୁଥିବା ଆୟୋଗ କହିଛନ୍ତି । ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀମାନେ ରହୁଥିବା ଗୃହଟି ସୁରକ୍ଷିତ ଅବସ୍ଥାରେ ନଥିବା ବେଳେ ସେଠାକାର ପାରିପାର୍ଶ୍ୱିକ ଅବସ୍ଥା ଓ ପରିବେଶ ଅସ୍ୱାସ୍ଥ୍ୟକର ବୋଲି ଆୟୋଗର ଅଧ୍ୟକ୍ଷା କହିଛନ୍ତି । ଭାରପ୍ରାପ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ ପି.ଓ. ଆଇ.ସି.ଙ୍କ ଭୂମିକା ସନ୍ଦେହ ଜନକ ଏବଂ ଉଭୟଙ୍କର ଲୁଥେରାନର ସଭାପତି ଓ ସୁପରିନଟେଣ୍ଡେଟଙ୍କ ସହ ଭିତିରି ସମ୍ପର୍କ ରହିଥିବା ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ କର୍ମଚାରୀମାନଙ୍କ ଠାରୁ ଅଧ୍ୟକ୍ଷା ଜାଣିବାକୁ ପାଇଛନ୍ତି । ଉଭୟ ସରକାରୀ ଅଧିକାରୀ ସେମାନଙ୍କର ଦାୟୀତ୍ୱ ସଠିକ ଭାବରେ ନିର୍ବାହ କରିନଥିବା ଏବଂ ଉଭୟ ଅଧିକାରୀ ନିଜ ନିଜର ଦାୟୀତ୍ୱ ଓ କର୍ତ୍ତବ୍ୟ ସମ୍ପାଦନରେ ଗୁରୁତର ଅବହେଳା କରିଥିବା ଆୟୋଗ ଅଧ୍ୟକ୍ଷା କହିଛନ୍ତି । ଲୁଥେରାନର ଉଭୟ ସଭାପତି ଏବଂ ସୁପରିନଟେଣ୍ଡେଟଙ୍କ ସହିତ ଭାରପ୍ରାପ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ ପି.ଓ. ଆଇ.ସି.ଙ୍କ ମିଳିତ ଷଡଯନ୍ତ୍ର ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବସୀଙ୍କ ଭବିଷ୍ୟତକୁ ଅନ୍ଧାର ମଧ୍ୟକୁ ଠେଲି ଦେଇଥିବା ଆୟୋଗର ଅଧ୍ୟକ୍ଷା କହିଛନ୍ତି । ଆର୍ଥିକ ଅନାଟନ ଯୋଗୁଁ ଶିଶୁ ଯତ୍ନ ଅନୁଷ୍ଠାନର ପିଲାମାନେ ସଠିକ ଭାବରେ ଲାଳନପାଳନ ହୋଇପାରୁ ନଥିବାରୁ ଜିଲ୍ଲା ପ୍ରସାସନ ସେମାନଙ୍କ ଯତ୍ନ, ସୁରକ୍ଷା ଓ ଲାଳନପାଳନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣାରେ ଅପରାଧର ଗଭୀରତାକୁ ଉପଲବ୍ଧି କରି ଆୟୋଗର ଅଧ୍ୟକ୍ଷା ଲୁଥେରାନର ସଭାପତି, ସୁପରିନଟେଣ୍ଡେଟ, ଭାରପ୍ରାପ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ ପି.ଓ. ଆଇ.ସି.ଙ୍କ ବିରୋଧରେ ପିଡିତାଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ଦୃଷ୍ଟାନ୍ତମୂଳକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray